visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.120 Bhubaneswar Thursday June 23 2022 | ୨୫ତମ ବର୍ଷ ସଂଖ୍ୟା-୧୨୦ ଭୁବନେଶ୍ୱର, ଗୁରୁବାର, ଜୁନ ୨୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପାଇଁ ନବୀନ ପଟ୍ଟନାୟକଙ୍କ ଅପିଲ୍

ଭୁବନେଶ୍ୱର ,୨୨।୬(ପି.ଏନ): ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଅପିଲ କରିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସର୍ବସମ୍ମତି କ୍ରମେ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ସେ କହିଛନ୍ତି। ଏଥିସହ ଓଡ଼ିଶାର ଝିଅ ଦ୍‌ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ପଦବୀ ପାଇଁ ସମର୍ଥନ କରିବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ।ମୟୂରଭଞ୍ଜର ଝିଅ ଦ୍‌ରୌପଦୀ ମୁର୍ମୁ ବିଜେପି ନେତୃତ୍ୱାଧୀନ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ମଙ୍ଗଳବାର ତାଙ୍କ ନାଁ ଘୋଷଣା ହେବା ପରେ ଓଡିଆଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଖୁସି ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି ଲେଖିଥିଲେ, ଦେଶର ସର୍ବୋଚ୍ଚ ପଦବୀ ପାଇଁ ଏନଡିଏ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଶ୍ରୀମତୀ ଦ୍‌ରୌପଦୀ ମୁର୍ମୁଙ୍କୁ ମୋର




ଶୁଭେଚ୍ଛା। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ମୋ' ସହ ଆଲୋଚନା କରିବା ବେଳେ ବହୁତ ଖୁସି ହୋଇଥିଲି। ମୋର ବିଶ୍ୱାସ ଶ୍ରୀମତୀ ମୁର୍ମୁ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଦେଶରେ ନୂଆ ଉଦାହରଣ ସୃଷ୍ଟି କରିବେ ବୋଲି ନବୀନ ଟ୍ୱିଟ୍‌ରେ ଲେଖିଥିଲେ।

## ଓଡ଼ିଶା ହାଇକୋର୍ଟରେ ପଡ଼ିଛି ଲକ୍ଷେ ୭୩ ହଜାର ୫୧୦ ମାମଲା

କଟକ, ୨୨।୬(ପି.ଏନ): ୨୦୨୧ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ପଡ଼ି ରହିଛି ୧ ଲକ୍ଷ ୭୩ ହଜାର ୫୧୦ ମାମଲା। ଏହା ପରେ ଦାଏର ହୋଇଛି ୧ ଲକ୍ଷ ୨୮ ହଜାର ୯୪୩ଟି ନୂଆ କେସ୍। ତେବେ ତା' ଭିତରୁ ୧ ଲକ୍ଷ ୫ ହଜାର ୩୩୪ ମାମଲାର ଫଇସଲା ହୋଇଛି। ୨୦୨୧ ମସିହା ଶେଷ ସୁଦ୍ଧା ୧ ଲକ୍ଷ ୯୭ ହଜାର ୧୧୯ ମାମଲା ଏବେବି ପଡିରହିଛି। ରାଜ୍ୟ ନ୍ୟାୟପାଳିକାର ପ୍ରଦର୍ଶନ ନେଇ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାର୍ଷିକ ରିପୋର୍ଟ ପ୍ରକାଶ କରାଯାଇଛି।ବିଚାର ନହୋଇ ଦୀର୍ଘ ଦିନ ଧରି ମାମଲା ପଡ଼ିରହିବା ଓ ଜିଲ୍ଲା ଜଜ୍‌ଙ୍କୁ ଠିକରେ ମାମଲା ବଣ୍ଟନ ନହେବା ଏବଂ କୋର୍ଟଙ୍କ ରହିତାଦେଶ ନିର୍ଦ୍ଦେଶ



ଠିକରେ କାର୍ଯ୍ୟକାରୀ କରାନଯିବା ଭଳି ଚିନ୍ତାଜନକ ତଥ୍ୟ ରିପୋର୍ଟରେ ସାମ୍ନାକୁ ଆସିଛି। ୨୦୨୧ ମସିହାର ଏହି ରିପୋର୍ଟରେ କୁହାଯାଇଛି ଯେ, କୋର୍ଟରେ ମାମଲା ବଢିବା ଦ୍ୱାରା ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ବଢୁଥିବା ସୂଚାଉଛି। ମାତ୍ର ବହୁ କେସ୍‌ରେ ବିଚାର ହୋଇନପାରିବା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥି ସହିତ ଓଡ଼ିଶା ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ଉଚ୍ଛେଦ ହେବା ପରେ ଏଠିକାର ପ୍ରାୟ ୪୦ ହଜାର ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଛି। ଯାହା କି ହାଇକୋର୍ଟଙ୍କ ଭାର ବଢାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରାଷ୍ଟ୍ରପତି ନିର୍ବାଚନରେ ତେଲେଙ୍ଗାନା ରାଷ୍ଟ୍ର ସମିତି ଯଶବନ୍ତ ସିହ୍ନାଙ୍କୁ ସମର୍ଥନ କରିବେ

ହାଇଦ୍ରାବାଦ , ୨୨।୬(ପି.ଏନ): ରାଷ୍ଟ୍ରପତି ପଦ ପାଇଁ ଦଳ ତଥା ବିରୋଧି ପ୍ରାର୍ଥୀଙ୍କ ଘୋଷଣା ମଧ୍ୟରେ ବିରୋଧି ପ୍ରାର୍ଥୀ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଯଶବନ୍ତ ସିହ୍ନାଙ୍କୁ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ) ସମର୍ଥନ ଘୋଷଣ କରିଛି ।ଇିରୋଧିମାନେ ଗତକାଲି ବିଳମ୍ବିତ ରାତିରେ ଏନଡ଼ିଏ ଦ୍ୱାରା ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଯଶଓ୍ୱନ୍ତ ସିହ୍ନା ଏବଂ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି । ତେଲେଙ୍ଗାନାରେ ଶାସକ ଟିଆରଏସ ଏକ ସରକାରୀ ବିବୃତିରେ ଯଶବନ୍ତ ସିହ୍ନାଙ୍କୁ ସମର୍ଥନ ଜଣାଇଛନ୍ତି । ଅଦ୍ୟାବଧି ଟିଆରଏସ ବିରୋଧି ବୈଠକରୁ ଦୂରେଇ ରହିଥିଲେ ।

## ୩ଟି ଇଣ୍ଡିଆ ରିଜର୍ଭ ବାଟାଲିଅନ ପାଇଁ ୬୬୩ଟି ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

ଭୁବନେଶ୍ୱର, ୨୨।୬(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩ଟି ଇଣ୍ଡିଆ ରିଜର୍ଭ ବାଟାଲିଅନ (ଆଇଆର ବାଟାଲିଅନ) ପାଇଁ ୬୬୩ଟି ପଦବୀକୁ (ସିକ୍ୟୁରିଟି କୟଜ୍) ମଞ୍ଜୁର କରିଛନ୍ତି। ଏହି ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ରିଜର୍ଭ ବାଟାଲିଅନ ପାଇଁ ୨୨୧ଟି ପଦବୀ ସୃଷ୍ଟି କରାଯାଇଛି। ଏହି ନୂତନ ପଦବୀ ଗୁଡିକ ହେଲା ଡେପୁଟି କମାଣ୍ଡାଂଟ-୧, ହାବିଲଦାର ମେଜର-୧୮, ହାବିଲଦାର-୨୩, କନେଷ୍ଟବଳ-୧୫୪, ଇନିସ୍‌ପେକ୍ଟର (ଡବ୍ଲୁଟି)-୧, ସବ୍ ଇନିସ୍‌ପେକ୍ଟର (ଡବ୍ଲୁଟି)-୨, ହାବିଲଦାର (ଡବ୍ଲୁଟି)-୪, କନେଷ୍ଟବଳ(ଡବ୍ଲୁଟି)-୧୩, ହେଡକ୍ଲର୍କ-୧, ମେଡିକାଲ ଅଫିସର-୧, ଫାର୍ମାସିଷ୍ଟ-୨ ଓ ଷ୍ଟାଫ ନର୍ସ-୧ । ଏହିପରି ପ୍ରତ୍ୟେକ ବାଟାଲିଅନରେ ୨୨୧ ଜଣ କର୍ମଚାରୀ ଓ ଅଧିକାରୀ ନିୟୋଜିତ ହେବେ। ଏହାସହିତ ପ୍ରତ୍ୟେକ ବାଟାଲିଅନରେ ବିଭିନ୍ନ ସହାୟକ କାର୍ଯ୍ୟ ପାଇଁ ୪୪ଟି ପଦବୀ ସୃଷ୍ଟି କରାଯାଇଛି, ଯାହାକି ଆଉଟ ସୋରସିଂ ଜରିଆରେ ପୂରଣ କରାଯିବ। ୩ଟି ବାଟାଲିଅନ ପାଇଁ ୧୩୨ଟି ଆଉଟ ସୋରସିଂ ପଦବୀ ସୃଷ୍ଟି କରାଯାଇଛି।

## ପୁରୀରେ ଯୁଦ୍ଧକାଳୀନ ଭିତିରେ ହେବ ଟିକାକରଣ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୨।୬(ପି.ଏନ): ଆଗକୁ ରଥଯାତ୍ରା ଆସୁଛି। ପୁରୀରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି । ତେଣୁ ପୁରୀରେ ଅଧିକ ଟିକାକରଣ କରିବାକୁ ପୁରୀ ପ୍ରଶାସନକୁ ଅବଗତ କରାଯାଇଛି ।ଏସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ପୁରୀରେ ଯୁଦ୍ଧକାଳୀନ ଭିତିରେ ଟିକାକରଣ ହେବ। ଯେଉଁମାନେ ଦ୍ୱିତୀୟ ଡୋଜ୍ ବା ପ୍ରିକସନ୍ ଡୋଜ୍ ନେଇନାହାନ୍ତି ସେମାନଙ୍କୁ ଏକ ସ୍ୱତନ୍ତ୍ର କ୍ୟାମ୍ପ୍ କରି ଟିକା ଦିଆଯିବ । ଏହାସହ ପରିମଳ ଓ ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । କୋଭିଡ୍ ସଂକ୍ରମଣ ରହିଛି ଆଗକୁ ମଧ ରହିଥିବ । ରାଜ୍ୟରେ ଯେତିକି ଆକ୍ଟିଭ କେସ୍ ରହିଛି ସେଥିରୁ ବହୁତ କମ୍ ସଂଖ୍ୟାରେ ଆକ୍ରାନ୍ତ ହସ୍ପିଟାଲ ଯାଉଛନ୍ତି । ରାଜ୍ୟରେ ଭଲ ଭାବରେ ଟିକାକରଣ ହୋଇଛି ତେଣୁ ରୋଗର ଭୟ କମ୍ ରହିଛି ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା ରଦ୍ଦ କଲେ ହାଇକୋର୍ଟ

ଭୁବନେଶ୍ୱର,୨୨।୬(ପି.ଏନ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କୁ ନେଇ ଥିବା ସମସ୍ତ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆସି ସାରିଥିବାରୁ ଦାୟର ସମସ୍ତ ମାମଲାର ଶୁଣାଣି କରି ହାଇକୋର୍ଟ ଏହାକୁ ରଦ୍ଦ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଉ କିଛି ପ୍ରାସଙ୍ଗିକତା ନଥିବା ହାଇକୋର୍ଟ କହିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ସୁପ୍ରିମକୋର୍ଟରେ ମାମଲା ଦାୟର ହୋଇଥିଲା। ମାମଲାର ଶୁଣାଣି କରି ଉଭୟ ଆବେଦନକାରୀଙ୍କ ମାମଲାକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ କାମ ଚାଲିଥିବାରୁ ମାମଲା ରଦ୍ଦ କରାଯାଇଥିଲା।

## କାଶ୍ମୀର ଘାଟୀରେ କେତେକ ସ୍ଥାନରେ ଏନ୍‌ଆଇଏର ଚଢ଼ାଉ

ଶ୍ରୀନଗର,୨୨।୬(ପି.ଏନ): କାଶ୍ମୀର ଘାଟୀରେ ରାଷ୍ଟ୍ରୀୟ ଯାଂଚ ଏଜେନ୍ସି(ଏନଆଇଏ) ବୁଧବାର ଦିନ କେତେକ ସ୍ଥାନରେ ଚଢ଼ାଉ କରିଛି। ଖବର ଲେଖାହେବା ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଚାଲୁ ରହିଥିଲା। ଏହି ଚଢ଼ାଉ ଆତଙ୍କବାଦ ସହିତ ଯୋଡ଼ିଥିବା ଏକ ମାମଲାକୁ ନେଇ କରାଯାଇଛି ।ଆଧିକାରିକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏନ୍‌ଆଇଏର ଆଧିକାରୀମାନେ ପୋଲିସ୍ ଏବଂ ସିଆର୍‌ପିଏଫ୍‌ର ସାହାଯ୍ୟରେ ମଧ କାଶ୍ମୀରର ଶ୍ରୀନଗର ଏବଂ ଗାନ୍ଦରବଲ ଜିଲ୍ଲା ବ୍ୟତୀତ ଦକ୍ଷିଣ କାଶ୍ମୀରର ପୁଲଓ୍ୱାମା ଏବଂ କୁଲଗାମ ଜିଲ୍ଲାରେ ଆତଙ୍କବାଦ ସହିତ ଯୋଡ଼ିଥିବା ଏକ ମାମଲାରେ ଚଢ଼ାଉ କରିଛନ୍ତି। ଚଢ଼ାଉ ବର୍ତ୍ତମାନ ଜାରି ଅଛି।

## ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨।୬(ପି.ଏନ): ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ପୂର୍ବ ଝାଡ଼ଖଣ୍ଡ ଏବଂ ପାର୍ଶ୍ୱବର୍ତୀ ଉତର ଓଡିଶାର ବାୟୁମଣ୍ଡଳରେ ସମୁଦ୍ର ପତନ ଠାରୁ ୧.୫ କିମିରୁ ୫.୮ କିମି ମଧ୍ୟରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ହୋଇଛି। ଏହି ଘୂର୍ଣ୍ଣିବଳୟଟି ବାୟୁମଣ୍ଡଳରେ ଦକ୍ଷିଣ ଆଡକୁ ଢଳି ରହିଛି। ଏହା ପ୍ରଭାବରେ ରାଜ୍ୟର କିଛି ଜିଲ୍ଲାରେ ଆଗାମୀ ୨୪ଘଂଟା ମଧ୍ୟରେ ପ୍ରବଳ ବର୍ଷା (୭ରୁ ୧୧ସେମି) ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ଓଡିଶାର କନ୍ଧମାଳ, ଗଂଜାମ, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ , ଯାଜପୁର , ଅନୁଗୁଳ , କଟକ, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୩ରୁ ୨୪ ତାରିଖ ମଧ୍ୟରେ ସୁନ୍ଦରଗଡ , ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ,ବରଗଡ ଓ ଦେବଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର , କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ।

## ୭୫ ଲକ୍ଷ ଟଙ୍କାର ଗଞ୍ଜେଇ ବୋଝେଇ ଦୁଇଟି ଟ୍ରକ ଜବତ, ୩ ଗିରଫ

ଜୟପୁର, ୨୨।୬(ପି.ଏନ): ନନ୍ଦପୁର ଏବଂ ମାଛକୁଣ୍ଡ ପୋଲିସକୁ ବଡ ସଫଳତା । ଗୋଟିଏ ରାତିରେ ଗଞ୍ଜେଇ ବୋଝେଇ ଦୁଇଟି ଟ୍ରକ ସହ ୩ ଜଣଙ୍କୁ ଗିରଫ କରିଛି ନନ୍ଦପୁର ଏବଂ ମାଛକୁଣ୍ଡ ପୋଲିସ ।ବିଶେଷ ସୂତ୍ରରୁ ଖବର ପାଇ ନନ୍ଦପୁର ଏସଡିପିଓଙ୍କ ନେତୃତ୍ୱରେ ନନ୍ଦପୁର ପୋଲିସ ଖିଲିବା ଛକ ନିକଟରେ ନାକାବନ୍ଦି କରିଥିଲା । ହେଲେ ପୋଲିସର ବେରିକେଟ ଭାଙ୍ଗି ଟ୍ରକଟି ଦ୍ରୁତ ଗତିରେ ଚାଲିଯାଇଥିଲା। ପୋଲିସ ପିଛା କରି ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକଟିକୁ ଅଟକାଇବାରେ ସଫଳ ହୋଇଥିଲା । ଟ୍ରକକୁ ଯାଂଚ୍ କରିବାରୁ ସେଥିରେ ବିପୁଳ ପରିମାଣର ଗଞ୍ଜେଇ ଥିଲା । ଏବଂ ଦୁଇ ଅନ୍ତରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ମଧ୍ୟ କାବୁ କରିଥିଲା ପୋଲିସ । ଟ୍ରକରେ ୨୧ ଟି ବସ୍ତାରେ ପ୍ରାୟ ୫ କ୍ୱିଂଟାଲ ଗଞ୍ଜେଇ ଥିବାବେଳେ ଏହାର ମୂଲ୍ୟ ୫୦ ଲକ୍ଷ ହେବ ବୋଲି ପୋଲିସ କହିଛି । ଏହି ଗଞ୍ଜେଇ ପାଡୁଆ ଅଂଚଳରୁ ରାଜସ୍ଥାନକୁ ଚୋରା ଚାଲାଣ ହେଉଥିଲା । ଗିରଫ ବ୍ୟକ୍ତି ଦୁଇ ଜଣ ଉତପ୍ରଦେଶର ପ୍ରେପାଲ ସିଂ ଏବଂ ଦେବେନ୍ଦ୍ର ସିଂ ବୋଲି ଜଣାପଡିଛି । ସେହିଭଳି ମାଛକୁଣ୍ଡ ପୋଲିସକୁ ଖବର ମିଳିଥିଲା ସୁରୁମି ଗ୍ରାମରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ । ମାଛକୁଣ୍ଡ ଏବଂ ଲମତାପୁଟ ପୋଲିସ ମିଳିତ ଭାବରେ ବାଙ୍ଗୁରପଡା ଛକ ନିକଟରେ ନାକାବନ୍ଦୀ କରିଥିଲେ। ଦ୍ରୁତ ଗତିରେ ଆସୁଥିବା ଟ୍ରକକୁ ଅଟକାଇବା ଦେଖି ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଏବଂ ମାଫିଆ ଫେରାର ହୋଇଯାଇଥିବା ବେଳେ ସହଯୋଗୀକୁ କାବୁ କରିନେଇଥିଲା ପୋଲିସ ।ଗାଡିକୁ ଯାଞ୍ଚ କରିବାରୁ ୮ ଟି ବସ୍ତାରେ ଅଢେଇ କ୍ୱିଂଟାଲ ଗଞ୍ଜେଇ ରହିଥିଲା । ଯାହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ।

## କାର୍ଯ୍ୟ ସରିନି ଉଦଘାଟନ ସରିଛି : ମଲିହାଶୁଣି ବିଦ୍ୟାଳୟ ରୂପାନ୍ତିକରଣ କାର୍ଯ୍ୟରେ ଲକ୍ଷାଧିକ ଟଙ୍କାର ଘୋଟଲା

ଚଣ୍ଡିଖୋଲ, ୨୨।୬ (ପିଏନ) : ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ୫ଟି ଜରିଆରେ ଏକ ସୁନ୍ଦର ପଦକ୍ଷେପ ନେଇ ରାଜ୍ୟର ପ୍ରତି ବିଦ୍ୟାଳୟ ମାନଙ୍କର ବିକାଶ କରାଯାଉଛି। ଏଥିରୁ ଯାଜପୁର ଜିଲ୍ଲାରେ ମଧ ବିଦ୍ୟାଳୟକୁ ନୂଆ ରୁପରେଖ ମିଳିପାରିଛି। ଏପରିକି ଜିଲ୍ଲାରେ ଅନେକ ବିଦ୍ୟାଳୟ ସୁନ୍ଦର ଭାବରେ ସୁସଜ୍ଜିତ ହୋଇ ନୂଆ ରୁପ ପାଇଛନ୍ତି। ଯାହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ମାତ୍ର ଯାଜପୁର ଜିଲ୍ଲାର ବଡଚଣା ବିଡିଓଙ୍କ ପରିଚାଳନାର ଦୂରଦୃଷ୍ଟି ଏବଂ ଦୁର୍ନିତିଖୋର ମନୋଭାବ ଏବଂ ତଥା ଅନ୍ୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ବଡଚଣାରେ ଅନେକ ବିଦ୍ୟାଳୟ ନୂଆ ରୁପରେଖ ପାଇବାରୁ ବଂଚିତ ହୋଇଛି। ଏପରିକି ଅନେକ ବିଦ୍ୟାଳୟର ୨୦ ପ୍ରତିଶତ କାର୍ଯ୍ୟ କାଁ ଭାଁ କରି ଠିକାଦାର ପ୍ରୀତି ଏବଂ ନିଜର ପିସି ପାଇଁ ଏହି ବିଦ୍ୟାଳୟ ଗୁଡିକକୁ କାର୍ଯ୍ୟ ନସାରି ଉଦଘାଟନ କରାଇଦେଇଛନ୍ତି। ଏପରକି ଏକ ବିଦ୍ୟାଳୟରେ ଦେଖିବାକୁ ମିଳିଛି କୁନ୍ଦଳ ପଂଚାୟତର ମଲିହାଶୁଣୀ ଉଚ୍ଚ ବିଦ୍ୟାଳୟ, ଗରଗାଲି। ବିଦ୍ୟାଳୟକୁ ୫-ଟି ଅନୁଦାନରେ ୬୦ଲକ୍ଷରୁ ଅଧିକ ଟଙ୍କା ବ୍ୟୟମଞ୍ଜୁର କରାଯାଇଛି। ଏପରକି ଅନ୍ୟାନ୍ୟ ଯଥା ଖେଳପଡିଆ,ଚଲାରାସ୍ତା ଉନ୍ନତି କରଣ, ପାଚେରୀ ମରାମତି କାର୍ଯ୍ୟ ନିମନ୍ତେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ଅଧିକ



୩୫ଲକ୍ଷ ଟଙ୍କାରୁ ଅଧିକ ମଧ ବ୍ୟାୟ ଅଟକଳ କରାଯାଇଛି। ମାତ୍ର ଏତେ ଟଙ୍କା ରାଜ୍ୟ ରାଜକୋଷ ଏବଂ କେନ୍ଦ୍ର ରାଜକୋଷରୁ ଖର୍ଚ୍ଚ କରାଯାଇଥିଲେ ସୁଧା ଏହାର କାଣିଚାଏ ବି ଉନ୍ନତି ହୋଇନି ବିଦ୍ୟାଳୟର। ଏବେବି ପାଚେରୀ ରଙ୍ଗ କାର୍ଯ୍ୟ ଚାଲୁଥିବା ବେଳେ ପୁରୁଣା ପାଚେରୀ ଯାହା ଥିଲା ସେଇଭଳି ରହିଛି। ପୁଣି ସେଥିରେ ବିଲକୁଲ ମରାମତି କରାନଯାଇ ନରେଗା ଯୋଜନାରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଫଳକ ମରାଯାଇଛି। ମାତ୍ର ନରେଗା ଯୋଜନାରେ ମାଟି ମୁଠାଏ ବି ପଡିନଥିବା ବିଦ୍ୟାଳୟ ତରଫରୁ କୁହାଯାଇଛି। ଖେଳ ପଡିଆ ନାମରେ ବିଦ୍ୟାଳୟ ପଛପାଖ କୁଦିଆକୁ ସାମାନ୍ୟ ସମାନ କରାଯାଇ ସମସ୍ତ ଅର୍ଥରାଶି ଉଠାଇ ନିଆଯାଇଛି ବୋଲି ଅଭିଯୋଗ ହୋଇଛି। ସେହିପରି ପାଦଚଲା ରାସ୍ତା ଉନ୍ନତି କରଣ ନାମରେ ମଧ କାର୍ଯ୍ୟ ବିଲକୁଲ ନହୋଇ ଏହା ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ପୁରୁଣା ପାଚେରୀ ନାମରେ ମଧ ନରେଗା ଯୋଜନାରୁ ଅର୍ଥ ଖର୍ଚ୍ଚ କରାଯାଇଛି। ପ୍ରକାଶ ଥାଉକି ପୁରୁଣା ପାଚେରୀ ଉପରେ କିଛି ପଥର ବସାଇ ପାଚେରୀର ସଂପୂର୍ଣ୍ଣ ବିଲ୍ କରାଯାଇଅଛି। ଏପରକି ୫ଟି ଅଧିନରେ ପଡିଥିବା ଘାସଗାଲିଚା ମରିଯାଇଥିବା ବେଳେ ନିମ୍ନମାନର ଇଟା ଖାଲି ସେମିତ ଖଞ୍ଜି ଦେଇଛନ୍ତି। ରଙ୍ଗ ଏବଂ ଚିତ୍ର କାର୍ଯ୍ୟ ସରିନଥିବା ବେଳେ ଶୌଚାଳୟ କାର୍ଯ୍ୟ ମଧ ଅଧାରେ ରହିଛି। ଏପରିକି ଲାବରେଟୋରୀ ଏବଂ ଲାଇବେରୀ ମଧ କରାଯାଇନାହିଁ। ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟ ପୁରୁଣା କଳାପଟାକୁ ତାଡି ନଷ୍ଟ କରି ଦଆଯାଇଥିବାରୁ ପିଲାମାନେ ଏବେ ପାଠ ପଢିପାରୁନାହାନ୍ତି। ଏପରିକି ବିଦ୍ୟାଳୟ କାର୍ଯ୍ୟ ସରିନଥିବାରୁ ଛାତ୍ରଛାତ୍ରୀ ତଳେ ବସି ପାଠ ପଢୁଛନ୍ତି। ବିଦ୍ୟଳୟ ପରିସରରେ ମରାଯାଇଥିବା ସୂଚନା ଫଳକ ମୁତାବକ ମଲିହାଶୁଣୀ ବିଦ୍ୟାଳୟ ପରିସରରେ ଗୋଷ୍ଠୀଜଳ ସଂରକ୍ଷଣ ଗର୍ତ୍ତ ନିର୍ମାଣ ପାଇଁ ୨୦ହଜାର, ଉଦ୍ୟାନ ନିର୍ମାଣ ପାଇଁ ୮ଲକ୍ଷଟଙ୍କା, ଶୌଚଳୟ ନିର୍ମାଣ ପାଇଁ ୭ଲକ୍ଷ, ଖେଳପଡିଆ ର୍ନିମାଣ ପାଇଁ ୧୦ଲକ୍ଷ, ପାଚେରୀ ପୁନଃ ମରାମତି ପାଇଁ ୧୦ଲକ୍ଷ ଟଙ୍କା, ବିଦ୍ୟାଳୟ ଭିତର ଚଲାରାସ୍ତା ପାଇଁ ୧୦ଲକ୍ଷ ଟଙ୍କା, ସାମୁହିକ ପଚାଖାତ ନିର୍ମାଣ ପାଇଁ ୫୦ହଜାର ଟଙ୍କା ନରେଗା ଯୋଜନାରୁ ବ୍ୟୟ କରାଯାଇଥିବା ନେଇ ତଥ୍ୟ ରହିଛି। ସେହିପରି ୫-ଟି ଅନୁଦାନରୁ ୩୩ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ଯୋଜନା ଟଙ୍କା ଖର୍ଚ୍ଚକୁ ଦୃଷ୍ଟିଦେଲେ ନରେଗା ଯୋଜନାର ଅର୍ଥରେ କୌଣସି କାର୍ଯ୍ୟ ହୋଇନଥିବା ବେଳେ ଖେଳପଡିଆ ନିର୍ମାଣ ପାଇଁ ସେହିଠାରେ ରହିଥିବା କୁଦିଆର ମାଟିକୁ ଆଡେଇ ଦେଇଛନ୍ତି। ସେହିପରି କମ୍ ଦାମର ମାର୍‌ବଲ ଅତି ନିମ୍ନମାନର ବସାଯାଇଥିବା ବେଳେ ତାହା ଉଠିଯିବାକୁ ବସିଲାଣି। ବାହାର ରାସ୍ତା ପାଇଁ ରଙ୍ଗିନ୍ ଇଟା କେବଳ ଉପରେ ଥୁଆ ହୋଇଥିବା ବେଳେ ଏହା ଅତିନିମ୍ନ ମାନର ସାମଗ୍ରୀ ବୋଲି ଅଭିଯୋଗ ହୋଇଛି। ଏପରିକି କାର୍ଯ୍ୟକୁ ନେଇ ବିଦ୍ୟାଳୟ ଶିକ୍ଷକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି କଥା ଶୁଣାଯାଇନାହିଁ। ଏପରକି ବଡଚଣା ବିଡିଓ, ସହକାରୀ ଯନ୍ତ୍ରୀ ଏବଂ ଜେଇ ବାହା ବାହା ନେବା ଉଦ୍ଦେଶ୍ୟରେ କେବଳ ତରଭରିଆ ଭାବେ ସମାନ୍ୟ କାର୍ଯ୍ୟ କରି ତାହାକୁ ଉଦଘାଟନ କରାଇଦେଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଏଭଳି ନିମ୍ନ ମାନର କାର୍ଯ୍ୟକୁ ନିଜେ ୫ଟି ସଚିବ ତଦନ୍ତ କରିବା ସହିତ ବିଶୃଙ୍ଖଳିତ କାର୍ଯ୍ୟ କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଏହି ଅଂଚଳର ବୁଦ୍ଧିଜୀବୀ ମହଲରେ ଦୃଢ ଦାବି ହେଉଛି।

## ଲମ୍ବା ଧାଡି ଓ ଖରାରେ ଛିଡା ହୋଇ ପୋପ୍‌ଙ୍କୁ ସାକ୍ଷାତ କଲେ ନବୀନ



ଭୁବନେଶ୍ୱର,୨୨।୬(ପି.ଏନ): ୭ ଦିନିଆ ରୋମ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ତୃତୀୟ ଦିନରେ କ୍ୟାଥେଲିକ ଧର୍ମଗୁରୁ ପୋପ୍ ଫ୍ରାନ୍ସିସଙ୍କୁ ସାକ୍ଷାତ କରିଛନ୍ତି । ଇଟାଲୀର ସମୟ ଅନୁସାରେ ସକାଳ ୯ଟାରେ ଭାଟିକାନ ସିଟିର ସେଂଟ୍ ପିଟର୍ସ ସ୍କ ?ୟାରରେ 'ଜେନେରାଲ ଅଡିଏନ୍ସ' ସାକ୍ଷାତ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ପୋପଙ୍କୁ ହଜାର ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଦର୍ଶନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସାଧାରଣ ଦର୍ଶକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ମଧ ପୋପଙ୍କୁ ଭେଟିଥିବାର ଜଣାପଡିଛି ।ଭାଟିକାନ ସିଟି ପକ୍ଷରୁ ଏହି କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ହୋଇଛି । ଏହି 'ଜେନେରାଲ ଅଡିଏନ୍ସ' କାର୍ଯ୍ୟକ୍ରମରେ ଆଫଗାନିସ୍ତାନରେ ଭୂମିକମ୍ପରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା । ପୋପ୍ ଫ୍ରାନ୍ସିସଙ୍କ ଉପସ୍ଥିତିରେ ହଜାର ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକମାନେ ସେଂଟ ପିଟର୍ସ ସ୍କ ?ୟାୟାରରେ ଏକଜୁଟ ହୋଇଥିଲେ । ଏହାପରେ ପୋପ୍ ଫ୍ରାନ୍ସିସଙ୍କୁ ବିଶ୍ୱର ବିଭିନ୍ନ ସ୍ଥାନରୁ ୬-୭ଜଣ କ୍ୟାଥେଲିକ ପାଦ୍ରୀ ଜଣେଜଣେ କରି ସାକ୍ଷାତ କରିଥିଲେ। ଖରାରେ ଧାଡିରେ ଛିଡା ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଓ ଜଣେ ମହିଳା ମିଳିତ ଭାବେ ପୋପଙ୍କୁ ଭେଟିଥିଲେ । ଏହି ଅବସରରେ ଓଡିଶାରେ ତିଆରି ହୋଇଥିବା ଏକ ପଟ୍ଟଚିତ୍ର(ଲାଇଫ ଅଫ ଟ୍ରି)କୁ ଉପହାର ସ୍ୱରୂପ ପୋପଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ପ୍ରତିବଦଳରେ ପୋପ୍ ମଧ ମୁଖ୍ୟମନ୍ତ୍ରୀ ଓ ତାଙ୍କ ବ୍ୟକ୍ତିଗତ ସଚିବ ଏବଂ ଅନ୍ୟ ଜଣେ ମହିଳାଙ୍କୁ ଉପହାର ଦେଇଥିଲେ । ଏହି ସାକ୍ଷାତ ମାତ୍ର ୫୭ ସେକେଣ୍ଡ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଜଣାପଡିଛି । ପୋପ୍ ଫ୍ରାନ୍ସିସଙ୍କ ଏହି ଜେନେରାଲ ଅଡିଏନ୍ସ କାର୍ଯ୍ୟକ୍ରମ ସକାଳ ୯ଟାରେ ଆରମ୍ଭ ହୋଇ ପ୍ରାୟ ୧ଘଂଟା ୯ମିନିଟ୍ ଧରି ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପଛରେ ଛିଡା ହୋଇଥିବା ଅନ୍ୟ ଲୋକମାନେ ମଧ ପୋପଙ୍କୁ ଜଣେ ପରେ ଜଣେ ସାକ୍ଷାତ କରିଥିଲେ । ପୋପ୍ ଫ୍ରାନ୍ସିସଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ଅତ୍ୟନ୍ତ ନିରାଡମ୍ବର ରହିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜିଠୁ ଭାଟିକାନ ସିଟିରେ 'ଫେଷ୍ଟିଭାଲ ଅଫ ଫ୍ୟାମିଲିଜ୍ -ଏକ୍ସ ଓ୍ୱାର୍ଲ୍ଡ ମିଟିଂ ଅଫ ଫ୍ୟାମିଲିଜ୍ ?' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜୁନ୍ ୨୬ତାରିଖ ଅପରାହ୍ନ ୩ଟା ୧୫ମିନିଟରେ ରୋମ୍ ଛାଡି ଦୁବାଇ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହି ରହଣୀ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରୋମସ୍ଥିତ ଓ୍ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ମୁଖ୍ୟାଳୟକୁ ଯାଇ ଓଡିଶାରେ ଚାଲିଥିବା ଖାଦ୍ୟ ସୁରକ୍ଷା ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣାପଡିଛି ।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।



## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।



## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।






# ଓଡ଼ିଶାର ମନଲୋଭା ପର୍ଯ୍ୟଟନ କ୍ଷେତ୍ର ମା'ବାଳକୁମାରୀ



ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର କେତେକ ଐତିହାସିକ ସ୍ଥାନ ଓ ପର୍ଯ୍ୟଟନ ସ୍ଥଳ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ। ମୁଖ୍ୟତଃ ଗଞ୍ଜାମ ଜିଲ୍ଲାର ପବିତ୍ର ମା' ବାଳକୁମାରୀ ମନ୍ଦିର ତଥା ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳ ମଧ୍ୟରେ ଥିବା ବିଭିନ୍ନ ପ୍ରାକୃତିକ ଅପରୂପ ଦୃଶ୍ୟରାଜି ପର୍ଯ୍ୟଟକ ମାନଙ୍କ ପାଇଁ ଆଶୀର୍ବାଦ ହୋଇଛି।

ମା'ବାଳକୁମାରୀ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ତଥା ପବିତ୍ର ସ୍ଥାନ ଭାବରେ ପରିଚିତ। ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମୁଖ୍ୟତଃ ଦକ୍ଷିଣ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରୁ ମା'ବାଳକୁମାରୀଙ୍କ ପୂଜାର୍ଚ୍ଚନା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ସୁଉଚ୍ଚ ପାହାଡ଼ ଉପରେ ମା' ବାଳକୁମାରୀଙ୍କର ଭବ୍ୟ ମନ୍ଦିର ଶୋଭା ପାଉଛି।






ଇତିହାସରୁ ଜଣାଯାଏ ଯେ, ମା'ବାଳକୁମାରୀଙ୍କ ମନ୍ଦିର ଚିକିଟି ରାଜ ପରିବାର ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ମା' ବାଳକୁମାରୀ ଚିକିଟି ରାଜପରିବାରର ଇଷ୍ଟଦେବୀ ଭାବେ ପୂଜିତା। ମା' ବାଳକୁମାରୀଙ୍କ ମନ୍ଦିର ଓ ମହାତ୍ମ୍ୟ ଏହି ଅଞ୍ଚଳରେ ବେସ୍ ପ୍ରସିଦ୍ଧ। ଚିକିଟି ସହରର ପୂର୍ବ ଦିଗରେ ମା' ବାଳକୁମାରୀଙ୍କ ମନ୍ଦିର ଅବସ୍ଥିତ।

ଭକ୍ତ ଓ ଶ୍ରଦ୍ଧାଳୁମାନେ ମାତାଙ୍କ ମନ୍ଦିର ପାଖରେ ପହଞ୍ଚିବାକୁ ଦୁଇଟି ରାସ୍ତା ରହିଛି। ପ୍ରଥମତଃ ସଡ଼କ ପଥରେ ଦୁଇ ଚକିଆ ବା ଚାରିଚକିଆ ଯାନରେ ଯାଇ ମାତାଙ୍କ ମନ୍ଦିର ପାଖରେ ପହଞ୍ଚି ହେବ। ପାହାଡ଼ ତଳୁ ସୁଦୀର୍ଘ ପକ୍କା ରାସ୍ତା ଅଙ୍କା-ବଙ୍କା ହୋଇ ଲମ୍ବିଛି ଉପରକୁ ଉପରକୁ। ପାହାଡ଼ ମାନଙ୍କ ଭିତରେ ପ୍ରକୃତି ନିଜର ଅପରୂପ ସୌନ୍ଦର୍ଯ୍ୟ ମଧ୍ୟ ପରିପ୍ରକାଶ କରିଥାଏ। ଏହାର ଚାରି ପାଖରେ ଉଚ୍ଚ ଉଚ୍ଚ ପାହାଡ଼ୀ ଜଙ୍ଗଲ ଗୁଡ଼ିକ ଛନ୍ଦାଛନ୍ଦି ହୋଇ ନିଜ ନିଜର ଶୋଭା ପ୍ରଦର୍ଶନ କରୁଛନ୍ତି। ଆହୁରି ମଧ୍ୟ ପାହାଡ଼ୀ ଘାଟୀର କମନୀୟ ଦୃଶ୍ୟ ବିଭୋର କରି ଦେଇଥା ଏ ପର୍ଯ୍ୟଟକ ମାନଙ୍କୁ। ଚତୁର୍ଦ୍ଦିଗରେ ଥିବା ସୁଉଚ୍ଚ ଗଛ ଲତା ଆଉରି ମନ ମୋହି ନେଇଥାଏ ପର୍ଯ୍ୟଟକ ମାନଙ୍କର। ସୂର୍ଯ୍ୟଙ୍କର ରକ୍ତିମ କିରଣ ଏମାନଙ୍କ ଉପରେ ପଡ଼ି ଅପୂର୍ବ ସୌନ୍ଦର୍ଯ୍ୟ ସୃଷ୍ଟି କରିଥାଏ। ଆଉ ପାହାଡ଼ର ଉପରି ଭାଗରେ ପହଞ୍ଚିବା ପରେ ପ୍ରକୃତିର ସେହି ସୁନ୍ଦର ଶୋଭାକୁ ଦେଖି ଆନନ୍ଦରେ ନାଚି ଉଠେ ମନ ଓ ହୃଦୟ। ଏହି ସ୍ଥାନର ସୌନ୍ଦର୍ଯ୍ୟତା, ସୁନ୍ଦରିଆ ଫୁଲ ମାନଙ୍କର ମନମୋହକ ବାସ୍ନା ଓ ପକ୍ଷୀମାନଙ୍କର ସୁମଧୁର କଳରବ ଏହି ଅଞ୍ଚଳକୁ ବେଶ୍ କମନୀୟ କରିଥାଏ। ଦ୍ୱିତୀୟତଃ ତୀର୍ଥଯାତ୍ରୀ ମାନେ ପାହାଡ଼ ଉପରକୁ ୧,୨୪୦ ପାହାଚ ଚାଲିବା ପରେ ମା' ବାଳକୁମାରୀଙ୍କ ମନ୍ଦିରର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିଥାନ୍ତି। ବାସ୍ତବରେ ୧,୨୪୦ ପାହାଚ ଅତିକ୍ରମ କରିବା ବହୁ କଷ୍ଟକର। ତଥାପି ଏଥିରେ ଏକ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଆମ ହିନ୍ଦୁ ସମାଜରେ ତପସ୍ୟା ଏବଂ ପୂଜାର ମହତ୍ତ୍ୱ ଅତି ପ୍ରାଚୀନ କାଳରୁ ପରସ୍ପର ଯୋଡ଼ି ହୋଇ ରହିଛି। ଭାରତର ଅଧିକାଂଶ ଦେବୀ ଦେବତାଙ୍କ ମନ୍ଦିର ପ୍ରାୟତଃ ସୁଉଚ୍ଚ ପାହାଡ଼ ଉପରେ ଅବସ୍ଥିତ କିମ୍ବା ଅତି କଷ୍ଟକର ସ୍ଥାନରେ ଅବସ୍ଥିତ। ଏଣୁ ସେହି ମନ୍ଦିର ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ପହଞ୍ଚିବା ଅତ୍ୟନ୍ତ କଠିନ ଓ ପୀଡ଼ାଦାୟକ ହୋଇଥାଏ। ମାତ୍ର ଆଧ୍ୟାତ୍ମିକ ଜୀବନର ରାସ୍ତା ବହୁ କଠିନ ଓ ଅପେକ୍ଷା ଦାୟକ ହୋଇଥାଏ। ଏଣୁ କଷ୍ଟ-ଯନ୍ତ୍ରଣାକୁ ଚିନ୍ତା ନକରି ମାତା ବାଳକୁମାରୀଙ୍କ ଅପର୍ଯ୍ୟାପ୍ତ ଶକ୍ତିର ଦୃଢ଼ ବିଶ୍ୱାସୀ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ଭକ୍ତ ତଥା ଶ୍ରଦ୍ଧାଳୁ ମାନେ ପ୍ରତିଦିନ ଏହି ସ୍ଥାନକୁ ପୂଜାର୍ଚ୍ଚନା କରିବାକୁ ଛୁଟି ଆସିଥାନ୍ତି।




ମା' ବାଳକୁମାରୀ "ଜାଗ୍ରତ"ଦେବୀ ରୂପରେ ଏଠାରେ ପୂଜା ପାଆନ୍ତି, ଯିଏ ସମସ୍ତ ଦୃଷ୍ଟ ଶକ୍ତିକୁ ଧ୍ୱଂସ କରିଆନ୍ତି ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା' ବାଳକୁମାରୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ବର୍ଷର ସବୁ ସମୟରେ ମା' ବାଳକୁମାରୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମା' ବାଳକୁମାରୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ମା'ବାଳକୁମାରୀଙ୍କ ମନ୍ଦିରରେ ସମସ୍ତ ପର୍ବପର୍ବାଣୀ ପାଳନ ହେଇଥାଏ। ସେଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଂକ୍ରାନ୍ତି ଉତ୍ସବ ଗୁରୁତ୍ୱପୂର୍ଣ୍ଣ। ମାସର ପ୍ରତି ସଂକ୍ରାନ୍ତିରେ ମା' ବାଳକୁମାରୀଙ୍କ ସଂକ୍ରାନ୍ତି ଉତ୍ସବ ଧୂମଧାମ୍‌ରେ ପାଳନ କରାଯାଇଥାଏ। ଏହା ସହିତ ପ୍ରତି ମଙ୍ଗଳବାର ଦିନ ମଧ୍ୟ "ମଙ୍ଗଳବାର ପର୍ବ" ମହା ସମାରୋହରେ ପାଳିତ ହୋଇଥାଏ। ସଂକ୍ରାନ୍ତି ଓ ମଙ୍ଗଳବାର ଦିନ ମା' ବାଳକୁମାରୀଙ୍କ ଦର୍ଶନ କରିବା ପାଇଁ ଏକ ଧାର୍ମିକ ମହତ୍ତ୍ୱପୂର୍ଣ୍ଣ ଦିନ ବୋଲି କୁହା ଯାଇଥାଏ। ସେହିପରି ପବିତ୍ର ଦୁର୍ଗା (ଦଶହରା) ପୂଜା ତଥା ନବରାତ୍ର ଉତ୍ସବ ଏଠାରେ ଖୁବ୍ ଧୂମଧାମ୍‌ରେ ପାଳନ କରା ଯାଇଥାଏ। ଏହି ଅବସରରେ ଏଠାରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। ଏହି ଦିନ ସଂପୂର୍ଣ୍ଣ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ମନ ଓ ହୃଦୟକୁ ଅପାର ଶାନ୍ତି ପ୍ରଦାନ କରିଥାଏ।

ଏହି ସ୍ଥାନରେ ପର୍ଯ୍ୟଟନର ବ୍ୟାପକ ସୁଯୋଗ ରହିଛି। ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି। ମାତ୍ର ଆମ ଦେଶରେ ଏଇ ଧାରଣ, ଧାରଣାରେ ହିଁ ରହିଯାଇଛି। ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ। ଓଡ଼ିଶାର ଅନେକ ଅପରୂପ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି। ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରକୁ "ବିଜୁ ପର୍ଯ୍ୟଟନ କ୍ଷେତ୍ର"ନାମରେ ନାମିତ କରାଯାଇପାରେ। ଦେଶ-ବିଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିଥିବା କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ମତରେ, ବିଶ୍ୱର ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ର ଠାରୁ ଆମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଓ ଐତିହାସିକ ସ୍ଥାନ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ। ମୁଖ୍ୟତଃ ଗଞ୍ଜାମ ଜିଲ୍ଲାର ପ୍ରମୁଖ ଆଦି ଶକ୍ତିପୀଠ 'ମା' ତାରାତାରିଣୀ', ମା' 'ବାଳକୁମାରୀ', ଭୈରବୀ ମନ୍ଦିର, ସିଦ୍ଧ ବିନାୟକ ମନ୍ଦିର, ନାରାୟଣୀ ଦେବୀ ମନ୍ଦିର, ପଞ୍ଚୁ ମହାଦେବ ମନ୍ଦିର, ଗୋପାଳପୁରର ମନୋରମ ସମୁଦ୍ର ବେଳାଭୂମି, ରଷିକୂଲ୍ୟା ମୁହାଣର ବିରଳ ଅଲିଭ୍‌ରିଡ୍‌ଲେ, ଆର୍ଯ୍ୟପାଲି, ତପ୍ତପାଣି ଭଳି ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ଐତିହାସିକ ସ୍ଥାନଗୁଡ଼ିକ ରହିଛି। ଏଥିସହିତ ସମୁଦ୍ର ଉପକୂଳରୁ ଆରମ୍ଭ କରି ଅପରୂପ ପ୍ରାକୃତିକ ଦୃଶ୍ୟ ଆଦିକୁ ନେଇ ଏକ ବିଶାଳ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି। ତେବେ ଗଞ୍ଜାମ ଜିଲ୍ଲାରେ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି।

**କେମିତି ଯିବେ:** ଆପଣ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ସଡ଼କ ପଥରେ କିମ୍ବା ରେଳପଥରେ ୨୦୮ କିଲୋମିଟର ଦୂର ଅତିକ୍ରମ କରି ମା'ବାଳକୁମାରୀଙ୍କ ମନ୍ଦିରରେ ପହଞ୍ଚି ପାରିବେ। ଏଠାରୁ ନିକଟସ୍ଥ ରେଳଷ୍ଟେସନ୍ ବ୍ରହ୍ମପୁର ମାତ୍ର ୩୦ କିଲୋମିଟର ଦୂର। ସେହିପରି ମା'ବାଳକୁମାରୀଙ୍କ ମନ୍ଦିର ଚିକିଟି ସହରରୁ ମାତ୍ର ୩ କିଲୋମିଟର ଦୂର। ଏଠାରୁ ଠିକ୍ ଡ଼ାହାଣକୁ ବ୍ରହ୍ମପୁର-ଚିକିଟି ରାଜ୍ୟ ରାଜପଥ ଲମ୍ବିଛି। ଯାତ୍ରୀ ମାନଙ୍କର ସୁବିଧାରେ ରହଣୀ ପାଇଁ ସବୁଠୁ ନିକଟତମ ସ୍ଥାନ ହେଉଛି ଗିରିଷୋଳା ନାମକ ଏକ ମନୋରମ ସ୍ଥାନ। ଏହା ଏଠାରୁ ମାତ୍ର ୧୬ କିଲୋମିଟର ଦୂର। ଏହି ରାସ୍ତାରେ ଥିବା ବାବା ଧବଳେଶ୍ୱର ମନ୍ଦିର ପାଖରୁ ଷୋରଳ ପର୍ଯ୍ୟନ୍ତ ଝାଉଁବଣରେ ଆଚ୍ଛାଦିତ, ଯାହା ପର୍ଯ୍ୟଟକମାନଙ୍କ ପାଇଁ ଅପରୂପ ପ୍ରାକୃତିକ ବିଭବରେ ଭରପୁର। ପର୍ଯ୍ୟଟକମାନଙ୍କ ପାଇଁ ଏଠାକୁ ଭ୍ରମଣରେ ଆସିବାର ପ୍ରକୃଷ୍ଟ ସମୟ ହେଉଛି ଅକ୍ଟୋବର ମାସରୁ ଜୁନ୍ ମାସ।

**ଶରତ କୁମାର ରାଉତ**
ଭୁବନେଶ୍ୱର/ମୋ: ୯୩୩୭୩୬୯୪୪୮

# ରାଷ୍ଟ୍ରର ପୁନର୍ଜାଗରଣର ମହାନାୟକ ଅଶୋକ ସିଂହଲ

**ଡ. ସମନ୍ୱୟ ନନ୍ଦ**

ଆଜି ହେଉଛି ଅଶୋକ ସିଂହଲଙ୍କ ୯୫ତମ ଜନ୍ମ ଜୟନ୍ତୀ। ତାଙ୍କର ସମ୍ପୂର୍ଣ ଜୀବନ ରାଷ୍ଟ୍ରର ପୁନର୍ଜାଗରଣ ପାଇଁ ଲାଗିଥିଲା । ସେ ଏକ ଏପରି ସମୟରେ ଜନ୍ମ ଗ୍ରହଣ



କରିଥିଲେ ଯେତେବେଳେ ଭାରତୀୟ ସମାଜ ପାଖାପାଖି ୮ ଶହ ବର୍ଷ ଯାଏ ବିଦେଶୀ ଆକ୍ରମଣ ଓ ପରକୀୟ ରାଜସତାର ମୁକାବିଲା କରି ନିଜର ସ୍ୱାଧୀନତା, ମୂଲ୍ୟବୋଧ ଓ ଆଦର୍ଶ ପାଇଁ ସଂଘର୍ଷ କରୁଥିଲା । ରାଜନୈତିକ ଦୃଷ୍ଟିରୁ ଖଣ୍ଡିତ ଭାବେ ସ୍ୱାଧୀନତା ପ୍ରାପ୍ତହେବା ପରେ ତାର ସାଂସ୍କୃତିକ ଚେତନା ବିଦେଶୀ ଆଭାମଣ୍ଡଳରୁ ମୁକ୍ତ ହେବା ପରିବର୍ତ୍ତେ ସ୍ୱାଧୀନତା ପରେ ଶାସକ ମାନଙ୍କର ହିନ୍ଦୁତ୍ୱ ପ୍ରତି ହୀନ ଓ ବିଦ୍ରୂପ ମାନସିକତା କାରଣରୁ ଅଧିକ ଭ୍ରମିତ ହେବାରେ ଲାଗିଥିଲା।

ଯଦିଓ ସ୍ୱାଧୀନତା ପୂର୍ବରୁ ଓ ପରେ ଭିନ୍ନ ଭିନ୍ନ ପ୍ରକାରରେ ରାଷ୍ଟ୍ର ଜାଗରଣର ପ୍ରୟାସ ହୋଇଥିଲା କିନ୍ତୁ ଅଶୋକ ସିଂହଲଙ୍କ ନେତୃତ୍ୱରେ ୮୦ ଦଶକରେ ଆରମ୍ଭ ହୋଇଥିବା ଭାରତର ଆଦର୍ଶ ଓ ଅସ୍ମିତାର ନାୟକ ପୁରୁଷୋତମ ଶ୍ରୀରାମଙ୍କ ଜନ୍ମସ୍ଥାନର ମୁକ୍ତି ଆନ୍ଦୋଳନ ବିଶ୍ୱ ଇତିହାସରେ ଭାରତର ସାଂସ୍କୃତିକ ଜାଗରଣର ଅଦ୍ୱିତୀୟ ଅଧ୍ୟାୟରେ ପରିଣତ ହୋଇଥିଲା। ସ୍ୱାଧୀନତା ପରେ କମ୍ୟୁନିଷ୍ଟ ଓ ସେକୁଲାରବାଦୀ ମାନେ ଦେଶରେ ଏପରି ଏକ ବାତାବରଣ ତିଆରି କଲେ ଯେଉଁଥିଲେ ତଥାକଥିତ ଶିକ୍ଷିତ ଓ ଆଧୁନିକ ସମାଜ ନିଜକୁ ହିନ୍ଦୁ କହିବାରେ ହୀନ ଭାବନା ଅନୁଭବ କରିବା ଆରମ୍ଭ କରିଥିଲା। ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ଅଦ୍ଭୁତ ଚମତ୍କାର କାରଣରୁ କେବଳ ଯେ ଭାରତର ହିନ୍ଦୁ ସମାଜ ନୁହେଁ ବରଂ ବିଶ୍ୱର ବଡ ବଡ ଲେଖକ ଓ ବିଚାରକ ମାନେ ହିନ୍ଦୁତ୍ୱର ଗୁଣଗାନ କରିବା ଆରମ୍ଭ କରିଥିଲେ। ଭାରତର ରାଜନୀତିର କେନ୍ଦ୍ର ବିନ୍ଦୁ ହିନ୍ଦୁତ୍ୱ ହେଲା।

ସେ ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନ ମାଧ୍ୟମରେ ରାଷ୍ଟ୍ରର ସୁପ୍ତ ଭାବେ ରହିଥିବା ବିରାଟ ଚେତନା ଓ ଶୋଇଥିବା ହିନ୍ଦୁ ପୌରୁଷକୁ ଜାଗ୍ରତ କରିବାର କାମ କରିଥିଲେ।

ଯଦିଓ ସେ ଗେରୁଆ ବସ୍ତ୍ର ଧାରଣ କରି ନ ଥିଲେ ହେଲେ ସେ ଭାରତର ମହାନ ଋଷି ପରମ୍ପରାର ପ୍ରତିନିଧିତ୍ୱ କରୁଥିଲେ। ଆଠଶହ ବର୍ଷର ଦାସତ୍ୱ କାରଣରୁ ଭାରତର ମନୀଷାରେ ପ୍ରବେଶ କରିଯାଇଥିବା ମାନସିକ ଦାସତ୍ୱକୁ ହଟାଇବା ପାଇଁ ସେ ସବୁବେଳେ ଚିନ୍ତିତ ଥିଲେ। ଏହାକୁ ଦୂର କରିବା ପାଇଁ ସେ ଅହର୍ନିଶ ଜୀବନର ଶେଷ ପର୍ଯ୍ୟନ୍ତ କାମ କରୁଥିଲେ। ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କର ଜନ୍ମସ୍ଥାନକୁ ଧ୍ୱସ୍ତ କରି ସେହି ସ୍ଥାନରେ ବାବରର ସ୍ମୃତିରେ ଏକ



ଢାଂଚା ଠିଆ କରାଇ ଦିଆଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ୟୁରୋପୀୟ ଶାସକ ମାନଙ୍କର ଚିହ୍ନ ଓ ପ୍ରତୀକଗୁଡିକୁ ହଟା ଯାଇଥିଲେ ସୁଦ୍ଧା ଏହି ଦାସତ୍ୱର ଚିହ୍ନକୁ ହଟାଯାଇ ନ ଥିଲା। ଏହି ଦାସତ୍ୱର ପ୍ରତୀକକୁ ହଟାଇବା ଅଶୋକ ସିଂହଲଙ୍କର ଜୀବନର ଲକ୍ଷ୍ୟ ଥିଲା। ଖୁବ ଶୀଘ୍ର ତାଙ୍କର ଏହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। କାରଣ ଜନ୍ମଭୂମିଠାରେ ଭବ୍ୟ ମନ୍ଦିର ନିର୍ମାଣର କାମ ଆରମ୍ଭ ହୋଇସାରିଛି।

ତାଙ୍କର ସବୁଠାରୁ ବଡ ଉପଲବ୍ଧି ହେଲା ଯେ ଛଦ୍ମ ସେକୁଲାରିଜମ ବିଷୟକୁ ରାଜନୀତିର ସେଂଟର ଷ୍ଟେଜରେ ଆଣି ଠିଆ କରାଇ ଦେଇଥିଲେ। ସାଧାରଣ ଭାବେ ଏହି ପ୍ରସଙ୍ଗରୁ ନିଜକୁ ଦୂରରେ ରଖିବାକୁ ଚେଷ୍ଟା କରୁଥିବା ବୁଦ୍ଧିଜୀବୀ, ରାଜନେତା ଓ ମିଡିଆକୁ ଏହି ବିଷୟରେ ବିତର୍କ କରାଇବାକୁ ବାଧ କରିଥିଲେ।

ଅଶୋକ ସିଂହଲ କେବେ ହେଲେ ନିର୍ବାଚନୀ ଆଖଡାରେ ଅଂଶବିଶେଷ ହୋଇଥିଲେ ନା କୌଣସି ରାଜନୈତିକ ପଦ ପଦବୀ ଚାହିଁଥିଲେ। ତାଙ୍କର ନିଜର ପରିବାର ନ ଥିଲା। ସଂଘର ପ୍ରଚାରକ ଭାବେ ସେ ରହିଥିଲେ ଓ ସାଧୁ ସନ୍ୟାସୀଙ୍କ ପରି ସମଗ୍ର ଦେଶ ତାଙ୍କର ଘର ଥିଲା ଓ ସମଗ୍ର ସମାଜ ତାଙ୍କର ପରିବାର ଥିଲା। ପ୍ରୟାଗରାଜର ଆନନ୍ଦ ଭବନର ପଛପଟେ ତାଙ୍କର ପୈତୃକ ଘରକୁ ସେ ବେଦ ବିଦ୍ୟାଳୟ ଓ ଆଶ୍ରମରେ ପରିବର୍ତ୍ତିତ କରି ଦେଇଥିଲେ। ଦିଲ୍ଲୀର ତାଙ୍କର ଜୀବନଚର୍ଯ୍ୟା ଆରକେପୁରମ ସ୍ଥିତ ବିଶ୍ୱ ହିନ୍ଦୁ ପରିଷଦର ଏକ ଛୋଟ କୋଠରୀରେ ସୀମିତ ଥିଲା । ତାଙ୍କର ଜୀବନରେ ସେ କେବେହେଲେ କ୍ଷଣକ ପାଇଁ ନିଜକୁ ଶ୍ରୀରାମଙ୍କଠାରୁ ଅଲଗା ରଖି ନଥିଲେ।

ବିଶ୍ୱହିନ୍ଦୁ ପରିଷଦ ମାଧ୍ୟମରେ ହଜାର ହଜାର ସ୍ଥାନରେ ଏକଲ ବିଦ୍ୟାଳୟ ଖୋଲିବାଠାରୁ ଆରମ୍ଭ କରି ହଜାର- ହଜାର ମନ୍ଦିରର ବ୍ୟବସ୍ଥା ଠିକ କରିବା ସହିତ ତାମିଲନାଡୁ ଭଳି ରାଜ୍ୟରେ ଦଳିତ ପୂଜାରୀ ମାନଙ୍କୁ ପୂଜାପାଠରେ ସାମିଲ କରାଇବା, ବାରଣାସୀରେ ସବୁଠାରୁ ଅଧିକ ଅସ୍ପୃଶ୍ୟ ବୋଲି କୁହାଯାଉଥିବା ଡମ ରାଜାଙ୍କ ଘରେ ଶଙ୍କରାଚାର୍ଯ୍ୟ ଓ ଅନ୍ୟ ସାଧୁସନ୍ଥଙ୍କ ଭୋଜନ କରାଇବାର ବ୍ୟବସ୍ଥା କରାଇଥିଲେ। ସେ ଜୀବନସାରା ଶ୍ରୀରାମଙ୍କର କାମ କରିବାରେ ବ୍ୟସ୍ତ ଥିଲେ। ଗାଈ, ଗଙ୍ଗା, ଗୀତା ସମେତ ଧର୍ମ ସଂସ୍କୃତିର ପ୍ରତ୍ୟେକ ଅଂଶ ପାଇଁ ସେ ଅହର୍ନିଶ କାମ କରିଥିଲେ।

ସନ୍ଥ ସମାଜକୁ ଏକଜୁଟ କରିବା, ଅସ୍ପୃଶ୍ୟତାକୁ ସମାପ୍ତ କରାଇବାଠାରୁ ଆରମ୍ଭ କରି ନିର୍ମଳ ଗଙ୍ଗା- ଅବିରଳ ଗଙ୍ଗାର ଲଢେଇର ନେତୃତ୍ୱ କରିଥିଲେ କାରଣ ତାଙ୍କର ଜୀବନ ଗଙ୍ଗାର ପ୍ରବାହ ପରି ନିର୍ମଳ ଥିଲା। ତାଙ୍କର ବ୍ୟକ୍ତିତ୍ୱ କେତେ ବିଶାଳ ଥିଲା ତାହା ସଠିକ ଭାବେ ଲେଖିବା ସମ୍ଭବ ନୁହଁ।

କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଇଂଜିନିୟରିଂ ପାସ କରି ସମାଜ ପାଇଁ ନିଜକୁ ସମର୍ପିତ କରି ଦେଇଥିବା ଅଶୋକ ସିଂହଲ କେବଳ ହିନ୍ଦୁତ୍ୱର ଆଧାତ୍ମିକ ଓ ଧାର୍ମିକ ଉତ୍କର୍ଷ ପାଇଁ କାମ କରି ନ ଥିଲେ ବରଂ ଶକ୍ତିଶାଳୀ ସଂଗଠିତ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ କରିଥିଲେ। ଏକ ସମରସତା ବିଶିଷ୍ଟ ସଂଗଠିତ ହିନ୍ଦୁ ସମାଜକୁ ଜାଗୃତ କରି ଜାତି, ପନ୍ଥ, ଭାଷା ଓ ବର୍ଗରେ ବିଭାଜିତ ହିନ୍ଦୁ ମାନଙ୍କୁ ଏକାଠି କରିବାକୁ ସେ ପ୍ରୟାସ କରିଥିଲେ।

ତାଙ୍କର ଜୀବନ ରାମମୟ ଥିଲା। ପରମବୈଭବ ସମ୍ପନ୍ନ ଭାରତର ସ୍ୱପ୍ନକୁ ପୂରା କରିବା ପାଇଁ ସେ ଆଜୀବନ କାମ କରିଥିଲେ। ତାଙ୍କର ଘୋର ବିରୋଧୀମାନେ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ ହୁଅନ୍ତି। ସିଂହଲଙ୍କ ବ୍ୟକ୍ତିତ୍ୱ ଆଧାତ୍ମିକ ଅଧିଷ୍ଠାନ ଉପରେ ଦଣ୍ଡାୟମାନ ଥିଲା। ତାଙ୍କ ନିକଟରେ ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ ରହିଥିଲା।

## ୨ ଅକ୍ଟୋବର ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ସ୍ମୃତି ଉଦ୍ଦେଶ୍ୟରେ 'ଗାନ୍ଧୀ ସୌରଭ' ସ୍ମରଣିକା ଲୋକାର୍ପଣ ଉତ୍ସବ

ବ୍ରହ୍ମପୁର (ପିଏନ୍): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ପାଳନ କମିଟି ପକ୍ଷରୁ ଗତ ମାର୍ଚ୍ଚ ୩୦ ତାରିଖରେ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ସଫଳତାର ସହ ସମାପନ ହୋଇଯାଇଛି। କମିଟି ନିଷ୍ପତ୍ତି ପ୍ରକାରେ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ସମ୍ପର୍କରେ ଏକ ସ୍ମରଣିକା 'ଗାନ୍ଧୀ ସୌରଭ' ଲୋକାର୍ପଣ ଉତ୍ସବ ଆସନ୍ତା ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରହ୍ମପୁରସ୍ଥିତ ଡାଇମଣ୍ଡ ଜୁବୁଲି ଟାଉନ ହଲ ଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଆକର୍ଷଣୀୟ ସ୍ମରଣିକା ୫୦୦ରୁ ଊର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଗାନ୍ଧୀଜୀଙ୍କ ସମ୍ପର୍କିତ ୫୮ ଜଣ ଲେଖକଙ୍କ ଲେଖା ସ୍ଥାନିତ ହୋଇଛି। ଶତବାର୍ଷିକୀ କମିଟିର ସଭାପତି ତଥା ବ୍ରହ୍ମପୁର ଲୋକସଭା ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ କମିଟିର ଏକ ଜରୁରୀ ବୈଠକ ଶ୍ରୀ ସାହୁଙ୍କ ବାସଭବନ ଠାରେ ଅନୁଷ୍ଠିତ ହୋଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଡ଼. ସୂର୍ଯ୍ୟ ନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। 'ଗାନ୍ଧୀ ସୌରଭ' ସ୍ମରଣିକାର ମୁଖ୍ୟ ସମ୍ପାଦକ ପ୍ରଫେସର ମେଜର ରମାରମଣ ପାଢ଼ୀ ପୁସ୍ତିକା ସମ୍ପର୍କରେ ବିବରଣୀ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ପାଳନ କମିଟି ସଂଯୋଜକ ରବି ରଥ ଅନୁରୋଧ କରିଛନ୍ତି।

## ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ୨୭ ତାରିଖ ଭାରତବନ୍ଦକୁ ସମର୍ଥନ

ଯାଜପୁର (ପିଏନ୍)- ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଚାଷୀମାନଙ୍କର ନ୍ୟାର୍ଯ୍ୟ ଦାବୀ ପୂରଣ ଓ ସରକାରଙ୍କ କୃଷି ଆଇନ ପ୍ରତ୍ୟାହାର ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯିବା ସଙ୍ଗେ ସଙ୍ଗେ ସମସ୍ତ ଦଳୀୟ କର୍ମକର୍ତ୍ତା, କଂଗ୍ରେସ କର୍ମୀ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, କୃଷକ, ଦଳିତ, ଆଇନ ସଂଖ୍ୟାଲଘୁ ଏବଂ ଓବିସି ସେଲର ସମସ୍ତ କର୍ମକର୍ତ୍ତା ଓ କର୍ମୀବନ୍ଧୁମାନେ ଏହାକୁ ସଫଳ କରିବା ନିମନ୍ତେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥ ତଥା ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ବିଞ୍ଝାରପୁର ବିଧାନସଭା ପ୍ରାର୍ଥୀ ମନୋରଞ୍ଜନ ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ଯାଜପୁର ବ୍ଲକ୍ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ ସଭାପତି ଶ୍ୟାମସୁନ୍ଦର କର, ପୂର୍ବତନ ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ବିଞ୍ଝାରପୁର ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଦଳିତ କଂଗ୍ରେସ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, କୃଷକ ସେଲ କାର୍ଯ୍ୟକାରୀ ସଭାପତି ଭୁବନାନନ୍ଦ ସାମଲ, ଆଇନ ସେଲ ସଭାପତି ନିତାଇ ଚାନ୍ଦ ମହାନ୍ତି, ପୂର୍ବତନ ନଗର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ଦାଶ, ଓବିସି ସେଲର ବିଦ୍ୟାଧର ବାରିକ, ମାଇନରିଟି ସେଲ ଆବାହକ ଆବୁ ସାଏମା, କୋରାଇ ବ୍ଲକ୍ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା, ଓବିସି ସେଲ ରାଜ୍ୟ ଉପସଭାପତି ପ୍ରଶାନ୍ତ ସାହୁ, ନକୁଳଦେବ ସାହୁ, ପୂର୍ବତନ ପିସିସି ସମ୍ପାଦକ ଭାସ୍କର ମହାନ୍ତି, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା କର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, ମିଡ଼ିଆ ସେଲର ଆଦିତ୍ୟ ମହାନ୍ତି, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା, ଅକ୍ଷୟ ଶତପଥି, ସନ୍ତୋଷ କୁମାର ବେହେରା, ବିଜୟ ମହାପାତ୍ର ପ୍ରମୁଖ ଅନୁରୋଧ କରିଛନ୍ତି। ଯାଜପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ହେଡକ୍ୱାର୍ଟର ଓ ପୌରାଞ୍ଚଳ ଓ ଜିଲ୍ଲା ହେଡକ୍ୱାର୍ଟରଠାରେ କୃଷକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରାକୁ ସଫଳ କରିବାପାଇଁ ପିସିସି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କଲେ ମାନସ ଦତ୍ତ

ବାଲେଶ୍ୱର (ପିଏନ୍)- ପୁଣି ଥରେ ଜଳକା ନଦୀରେ ବନ୍ୟା ଆସି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ପ୍ରଥମ ବନ୍ୟାର ବିପତ୍ତି ଟଳି ନଥିବାବେଳେ ପୁଣି ଜଳକା ନଦୀରେ ବନ୍ୟା ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତା ବଢାଇଛି। ରାସ୍ତା ଘାଟ ଓ ଗାଁ ଦାଣ୍ଡରେ ପାଣି ଲହଡି ଭାଙ୍ଗୁଛି। ବିଶେଷ ଭାବେ ସଦର ନିର୍ବାଚନ ମଣ୍ଡଳୀର ଶ୍ରୀରାମପୁର, ରସଲପୁର ବନ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଅନେକ ଗାଁ ଏବେବି ପାଣି ଘେରରେ ରହିଛି। ଜଳକା ନଦୀରେ ବନ୍ୟା ଆସିବା ଯୋଗୁଁ ଏହି ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ତେବେ ରାସ୍ତାରେ ଜଳସ୍ରୋତ ପ୍ରଖର ଭାବେ ପ୍ରଭାବିତ ହୋଇଥିବାରୁ ମୁଖ୍ୟରାସ୍ତା ନଷ୍ଟ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ଆଜି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସଲପୁର, ଶ୍ରୀରାମପୁର ପଞ୍ଚାୟତ ବୋଟ ମାଧ୍ୟମରେ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଚାଷଜମିରେ ବନ୍ୟା ଜଳ ମାଡି ଯାଇଥିବାରୁ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡି ହୋଇଯାଇଛି ଫଳରେ ଚାଷୀ ଭାଇଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ସଦର ନେତା ଶ୍ରୀ ଦତ୍ତ ବିତରଣ କରିଥିଲେ। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରଶାସନକୁ ଶ୍ରୀ ଦତ୍ତ ଅନୁରୋଧ କରିବା ସହିତ ବନ୍ୟାର ସଫଳ ମୁକାବିଲା କରିବା ପାଇଁ ଭାରତୀୟ ଜନତା ପାର୍ଟି ସବୁ ପ୍ରକାର ସାହାଯ୍ୟ ଯୋଗାଇଦେବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ତପନ ଗିରି, ସରପଞ୍ଚ ସୁଭେଶ ନାୟକ, ପଞ୍ଚାୟତ ସଭାପତି ଜଗଦାନନ୍ଦ ବେହେରା, ମାନସ ମହାପାତ୍ର, ଧନଞ୍ଜୟ ମହାନ୍ତି, ଶ୍ରୀକାନ୍ତ ପାଣି, ହରେକୃଷ୍ଣ ଦଳେଇ, ସତ୍ୟ ମହାନ୍ତି, ଜଳଧର ଜେନା, କୌଶିକ ଚାନ୍ଦ, ପବନ କମିଳା, ମାୟାଧର ପ୍ରଧାନ, ବବଲୁ ମିଶ୍ର ସହିତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ଭାରତ ବନ୍ଦ'ର ସଫଳତା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର (ପିଏନ୍): ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଆହୁତ ୨୭ ସେପ୍ଟେମ୍ବର 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ରାଜ୍ୟ ବ୍ୟାପୀ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର କୃଷକ ସଂଗଠନ, ଟ୍ରେଡ ୟୁନିୟନ ଏବଂ ବହୁ ଗଣସଂଗଠନ ସାମିଲ ହୋଇ ପ୍ରଚାରପତ୍ର ବଣ୍ଟନ, ପଥପ୍ରାନ୍ତ ସଭା, ଗାଁ ଏବଂ ବସ୍ତିରେ ସାଧାରଣ ବୈଠକ, ଛୋଟ ଛୋଟ ପଟୁଆର ଇତ୍ୟାଦି ପ୍ରଚାର ଅଭିଯାନ ଅବ୍ୟାହତ ରଖିଛି। ୨୬ ସେପ୍ଟେମ୍ବରରେ ରାଜ୍ୟବ୍ୟାପୀ ମସାଲ ଶୋଭାଯାତ୍ରା ସଂଗଠିତ କରିବା ପାଇଁ ରାଜ୍ୟଠାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତି ଜାରି ରହିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଆହୁତ ଏହି ବନ୍ଦ ୨୭ ତାରିଖ ସକାଳ ୬ଘଣ୍ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାରି ରହିବ। ବନ୍ଦ ସଂପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଏବଂ ସାଧାରଣ ଜନତାଙ୍କ ସମର୍ଥନରେ ସଂଗଠିତ କରାଯିବ। ସମସ୍ତ ପ୍ରକାରର ଜରୁରୀକାଳୀନ ସେବାଗୁଡ଼ିକୁ ବନ୍ଦ କାର୍ଯ୍ୟକ୍ରମରୁ ବାଦ୍ ଦିଆଯିବ। ବନ୍ଦ ଦିନ କେନ୍ଦ୍ର ସରକାରଙ୍କ ସମସ୍ତ ଦପ୍ତର, ବଜାର, ସପିଂ ମଲ୍, କାରଖାନା, ଶିକ୍ଷାନୁଷ୍ଠାନ, ବିଭିନ୍ନ କିସମର ପରିବହନ ବ୍ୟବସ୍ଥା, ଘରୋଇ ପରିବହନ କ୍ଷେତ୍ର, ଜାତୀୟ ରାଜପଥ ଏବଂ ରେଳ ଚଳାଚଳ ଇତ୍ୟାଦି ବନ୍ଦ କରାଯିବା ପାଇଁ ପିକେଟିଂ ସଂଗଠିତ କରାଯିବ। ଏହି ବନ୍ଦ ମୁଖ୍ୟତଃ ମୋଦି ସରକାରଙ୍କ କୃଷକ ବିରୋଧୀ ନୀତି ବିରୋଧରେ ଆହ୍ୱାନ କରାଯାଇଛି। ମୋଦି ସରକାର ସରକାରୀ ମଣ୍ଡି ବ୍ୟବସ୍ଥାକୁ ବନ୍ଦ କରିଛନ୍ତି, ସୁତରାଂ ଭାରତର କୃଷକମାନେ ସରକାରୀ ବ୍ୟବସ୍ଥାକୁ ସେହିଦିନ ବନ୍ଦ କରିବା ପାଇଁ ପ୍ରତିବାଦ ସ୍ୱରୂପ 'ଭାରତ ବନ୍ଦ' ଡାକରା ଦେଇଛନ୍ତି। ମୋଦି ସରକାରଙ୍କ କୃଷକ ବିରୋଧୀ ତିନି କୃଷି ଆଇନ ପ୍ରତ୍ୟାହାର କରିବା, ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍ ରଦ୍ଦ କରିବା, ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ନିମନ୍ତେ ଆଇନ ପ୍ରଣୟନ କରିବା ସମେତ ମହିଳା, ଛାତ୍ର, ଯୁବକ, କୃଷି ଶ୍ରମିକ, ଆଦିବାସୀ, ଦଳିତ ଇତ୍ୟାଦି ସବୁ ବର୍ଗର ଦାବିଗୁଡିକ ଏହି 'ବନ୍ଦ' ଆନ୍ଦୋଳନରେ ଅନ୍ତର୍ଭୁକ୍ତ ହୋଇଛି। ଦେଶବାସୀଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ୨୧ ଦଫା ସମ୍ବଳିତ ଦାବି ଉପରେ ଓଡ଼ିଶାରେ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି। ମୋଦି ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରୁଥିବା ସମସ୍ତ ରାଜନୈତିକ ଦଳ ଏବଂ ସବୁ ସ୍ତରର ଗଣସଂଗଠନ, ସାମାଜିକ ସଂଗଠନ ଏବଂ ଜନଆନ୍ଦୋଳନଗୁଡିକ ଏହି 'ବନ୍ଦ'କୁ ସମର୍ଥନ ଘୋଷଣା କରିଛନ୍ତି। ଓଡ଼ିଶାରେ ୨୭ ସେପ୍ଟେମ୍ବର 'ଭାରତ ବନ୍ଦ'କୁ ସଂପୂର୍ଣ୍ଣ ସଫଳ କରିବା ନିମନ୍ତେ ସଂଯୁକ୍ତ କିଷାନ ମୋର୍ଚ୍ଚା, ଓଡ଼ିଶାର ଆବାହକ ମଣ୍ଡଳୀ ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ରାଜ୍ୟବାସୀଙ୍କୁ ନିବେଦନ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସୁରେଶ ପାଣିଗ୍ରାହୀ, କ୍ଷୀରୋଦ କୁମାର ସିଂହଦେଓ, ବଂଶୀଧର ପରିଡ଼ା, ଜ୍ୟୋତିରଂଜନ ମହାପାତ୍ର, ନିରଂଜନ ମହାନ୍ତି, ଭାଲଚନ୍ଦ୍ର ଷଡଙ୍ଗୀ, ନରେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସାମନ୍ତରାୟ, ଲିଙ୍ଗରାଜ, ଶେଷଦେବ ନନ୍ଦ, ପ୍ରମିଳା, ଶ୍ରୀକାନ୍ତ ମହାନ୍ତି, ଶଙ୍କର ସାହୁ ଏବଂ ଦେବପ୍ରସାଦ ରାୟଙ୍କ ସମେତ ବହୁ ନେତୃବୃନ୍ଦ ଏକ ମିଳିତ ବିବୃତି ଜରିଆରେ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଆମେ ଏଠାରେ ସୂଚନା ଦେବାକୁ ଚାହୁଁ ଯେ, କୃଷକ ବିରୋଧୀ କୃଷି ଆଇନ ହେବାର ଆଜିକୁ ଠିକ୍ ୧ ବର୍ଷ ପୂର୍ତ୍ତି ହେଉଛି। ଆଜିକାର ଦିବସ ଭାରତର କୃଷକମାନଙ୍କ ପାଇଁ 'କଳା ଦିବସ' ଅଟେ। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ ସୀମାରେ ଚାଲିଥିବା ଐତିହାସିକ କୃଷକ ଆନ୍ଦୋଳନରେ ସାତଶହରୁ ଊର୍ଦ୍ଧ୍ୱ କୃଷକ ଶହୀଦ ହେଲେଣି। ଏହି ପୃଷ୍ଠଭୂମିରେ ଡାକରା ଦିଆଯାଇଥିବା 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା, ଓଡ଼ିଶା ରାଜ୍ୟ ଆବାହକ ମଣ୍ଡଳୀ ନିବେଦନ ଜଣାଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଜୁନ୍ ୨୩**

# ଦଶଲକ୍ଷ ନିଯୁକ୍ତି ଭେଳିକି ନହେଉ !



ଏଥିରେ କେହି ଦ୍ୱିମତ ହେବେନାହିଁ ଯେ, ଆମ ଦେଶରେ ବେକାରୀ ସମସ୍ୟା ବିତର୍କର ବାହାରେ। ପିରିଅଡିକ୍ ଲେବର ଫୋର୍ସ ସର୍ଭେ ୨୦୧୮ ଅନୁଯାୟୀ ଗତ ଚାରି ଦଶନ୍ଧି ମଧ୍ୟରେ ଦେଶରେ ବେକାରୀ ହାର ସର୍ବୋଚ୍ଚ ସ୍ତରରେ ପହଁଚିଛି। ରିପୋର୍ଟ ଅନୁଯାୟୀ ବେକାରୀ ହାର ସର୍ବୋଚ୍ଚ ସ୍ତର ୬.୦୭ ପ୍ରତିଶତ ରହିଛି। ବିମୁଦ୍ରାୟନ, ଦ୍ରବ୍ୟ ଓ ସେବାକର ଲାଗୁ ଏବଂ ମହାମାରୀ କରୋନା ତାଣ୍ଡବ ତଥା ଦୀର୍ଘକାଳୀନ ଲକ୍‌ଡାଉନ ଯୋଗୁଁ ଦେଶରେ ବେକାରୀ ହାର ଗତ ଚାରି ଦଶନ୍ଧି ମଧ୍ୟରେ ସର୍ବାଧିକ ବଢ଼ିଛି। ରିପୋର୍ଟରେ କୁହାଯାଇଛି ଯେ, ମାଧ୍ୟମିକ ଶିକ୍ଷିତ ଏବଂ ଯୁବଗୋଷ୍ଠୀ ବିଶେଷ କରି ୧୫ରୁ ୨୯ବର୍ଷ ବୟସ୍କଙ୍କ ବେକାରୀ ହାର ୧୨.୯ ରହିଛି। ସେହିପରି ସିଏମଆଇର ରିପୋର୍ଟ ଅନୁଯାୟୀ ଦେଶରେ ବେରୋଜଗାର ହାର ୨୦୨୨ ମେ'ରେ ୭.୧୨ ପ୍ରତିଶତ ରହିଛି, ଯାହାକି ସର୍ବକାଳୀନ ରେକର୍ଡ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବେକାରୀ ହାର ବଢ଼ିଚାଲିଥିବା ବେଳେ ଆସନ୍ତା ଦେଢ଼ବର୍ଷ ଅର୍ଥାତ ୧୮ ମାସ ମଧ୍ୟରେ ୧୦ ଲକ୍ଷ ବେକାର ଯୁବକ ଯୁବତୀଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ନିଯୁକ୍ତି ଦେବା ଲାଗି ଗତ ବୁଧବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଘୋଷଣା କରିଛନ୍ତି। ଏଥିନେଇ ପ୍ରଧାନମନ୍ତ୍ରୀ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ମିଶନ ମୋଡରେ ନିଯୁକ୍ତି ଦେବା ଲାଗି ନିର୍ଦ୍ଦେଶ ଦେଇଥିବା କୁହାଯାଇଛି। କହିବା ବାହୁଲ୍ୟ ଯେ, ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୧୦ ଲକ୍ଷ ବେକାରଙ୍କୁ ନିଯୁକ୍ତି ଦେବା ଏକ କ୍ଷୁଦ୍ର ଘଟଣା। ଦେଶରେ ପ୍ରତିବର୍ଷ ବେକାରୀ ସଂଖ୍ୟାରେ ୫୦ ଲକ୍ଷ ଶିକ୍ଷିତ ଯୁବକ-ଯୁବତୀ ଯୋଡି ହେଉଥିବାବେଳେ ୧୦ ଲକ୍ଷଙ୍କୁ ନିଯୁକ୍ତି ଏକ କ୍ଷୁଦ୍ର ସହାୟତା ବା ଅଭିଯାନ ବୋଲି କହିଲେ ହୁଏତ ଭୁଲ ହୋଇ ନ ପାରେ। ଦେଶରେ ଏବେ ମୋଟ ବେକାରଙ୍କ ସଂଖ୍ୟା ୪୩୦ ମିଲିଅନ ବା ୪୩ କୋଟି ଥିବା କୁହାଯାଇଛି। ଉଲ୍ଲେଖ କରାଯାଇପାରେ ମହାମାରୀ କରୋନାର ତାଣ୍ଡବ ଯୋଗୁଁ ଗତ ଦୁଇବର୍ଷ ଧରି ଦେଶରେ ନିଯୁକ୍ତି ପ୍ରକ୍ରିୟା ଏକପ୍ରକାର ଠପ୍ ହୋଇଯାଇଛି। କେବଳ ଏତିକି ନୁହେଁ, ସପ୍ତମ ବେତନ କମିଶନଙ୍କ ରିପୋର୍ଟ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧୀନରେ ୧୯୯୪ ମସିହାରେ ମୋଟ ୪୧.୭୬ ଲକ୍ଷ ମଂଜୁରୀପ୍ରାପ୍ତ ପଦବୀ ଥିବାବେଳେ ୨୦୧୪ ମସିହାରେ ତାହା ୩୮.୯ ଲକ୍ଷକୁ ହ୍ରାସ ପାଇଥିଲା। ସେହିପରି ୨୦୨୧ କେନ୍ଦ୍ରୀୟ ବଜେଟ୍ ରିପୋର୍ଟ ଅନୁସାରେ କେନ୍ଦ୍ରୀୟ କର୍ମଚାରୀଙ୍କ ସଂଖ୍ୟା ୩୪.୫ ଲକ୍ଷକୁ ହ୍ରାସ ପାଇଛି। ସୂଚନାଯୋଗ୍ୟ ଯେ, ଦେଶରେ ଉଦାରୀକରଣ ଅର୍ଥନୀତି ପ୍ରଚଳନ ପୂର୍ବରୁ ଗୁରୁତର ବିତୀୟ ସଂକଟର ସମ୍ମୁଖୀନ ହୋଇ ସରକାର ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ଋଣ ସଂଗ୍ରହ ବେଳେ ସରକାରୀ ଦପ୍ତର ଓ ଉଦ୍ୟୋଗଗୁଡ଼ିକରେ ନିଯୁକ୍ତିକୁ ସଂକୁଚିତ କରିବା ନିମନ୍ତେ କଟକଣା ଲାଗୁ ହୋଇଥିଲା। ଏହି ନିୟନ୍ତ୍ରଣ ଦୀର୍ଘବର୍ଷ ଧରି ବଳବତର ରହିଥିବାବେଳେ ଅବସର ପରେ ପେନ୍‌ସନ ବ୍ୟବସ୍ଥା ମଧ୍ୟ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଦେଶରେ କେନ୍ଦ୍ର ସରକାରଙ୍କ ଅଧୀନରେ ଏବେ ୮.୮୬ ଲକ୍ଷ ଚାକିରୀ ପଦବୀ ଖାଲି ପଡିଛି। ଅଧିକନ୍ତୁ ୨୦୦୬ରୁ ୨୦୧୪ ମଧ୍ୟରେ ଦେଶରେ ବାର୍ଷିକ ହାରାହାରୀ ନିଯୁକ୍ତି ହାର ୧ ଲକ୍ଷରୁ ସାମାନ୍ୟ ଅଧିକ ରହିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି। ସେହିପରି ସରକାରୀ ଦପ୍ତରରେ କର୍ମଚାରୀ ନିଯୁକ୍ତି ଦାୟିତ୍ୱରେ ଥିବା ଷ୍ଟାଫ ସିଲେକସନ୍ କମିଶନ, କେନ୍ଦ୍ରୀୟ ଲୋକସେବା କମିଶନ (ୟୁପିଏସସି), ରେଳବାଇ ନିଯୁକ୍ତି ବୋର୍ଡ ବାର୍ଷିକ ପ୍ରାୟ ୧ଲକ୍ଷ ନିଯୁକ୍ତି ଦେଉଥା'ନ୍ତି। ଏକ ସରକାରୀ ରିପୋର୍ଟରୁ ଜଣାଯାଇଛି ଯେ, ୨୦୧୭-୧୮ ଏବଂ ୨୦୨୧-୨୨ ମଧ୍ୟରେ ଷ୍ଟାଫ୍ ସିଲେକସନ୍ କମିଶନ ଏବଂ ୟୁପିଏସସି ଯଥାକ୍ରମେ କେବଳ ୧.୭୪ ଲକ୍ଷ ଏବଂ ୨୪,୮୩୬ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହା ନିଯୁକ୍ତି ପ୍ରତି ସରକାରଙ୍କ ବିମୁଖତା ଭାବ ପ୍ରଦର୍ଶନ କରୁଛି ବୋଲି ନିଃସନ୍ଦେହରେ କୁହାଯାଇଛି। ସେହିପରି ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା କଥା ସରକାର ମୁହଁରେ କହୁଥିବାବେଳେ ବାସ୍ତବ କ୍ଷେତ୍ରରେ ସରକାର ଏଥିପ୍ରତି ଆଗ୍ରହୀ ନଥିବା ନିଯୁକ୍ତି ସଂଖ୍ୟା ହିଁ ସଂକେତ ପ୍ରଦାନ କରୁଛି। ଏହା ସତ୍ୟ ଯେ, ଦେଶରେ ବ୍ୟାପକ ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ସାମର୍ଥ୍ୟ ନଥିବା ଆଦୌ କୁହାଯାଇପାରିବ ନାହିଁ। ବେକାରୀ ସଂକଟର ସମାଧାନ ଲାଗି ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଦେଶରେ ଯେଉଁ ହାରରେ ପ୍ରତିବର୍ଷ ନୂଆ ଶିକ୍ଷିତ ଯୁବକ-ଯୁବତୀ ବେକାରୀ ତାଲିକାରେ ଯୋଡି ହେଉଛନ୍ତି, ପ୍ରତିବର୍ଷ ପ୍ରାୟ ୬ ନିଯୁତ ବା ୬୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି ସରକାର ଆଦୌ ଆଗ୍ରହୀ ନଥିବା କହିଲେ ଭୁଲ ହେବନାହିଁ। ସ୍ମରଣ କରାଯାଇପାରେ ଯେ, ୨୦୧୪ରେ ସାଧାରଣ ନିର୍ବାଚନ ସମୟରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାର୍ଷିକ ୧୫ ଲକ୍ଷ ବେକାର ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦେବା ଲାଗି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ କ୍ଷମତାରେ ୮ବର୍ଷ ଯାଇଥିଲେ ମଧ୍ୟ ଏହା କେବଳ ଫମ୍ପା ପ୍ରତିଶ୍ରୁତିରେ ପରିଣତ ହୋଇଛି। ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ଲାଗି ସରକାର ଜାତୀୟ ନିଯୁକ୍ତି ସଂସ୍ଥା ଗଠନ କରିଥିଲେ ମଧ୍ୟ ଗତ ଦୁଇବର୍ଷ ମଧ୍ୟରେ, ସେଭଳି କୌଣସି ଆଖିଦୃଶିଆ ନିଯୁକ୍ତି ଦେଇଥିବା ଜଣାଯାଏନାହିଁ। ଦେଶରେ ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇବର୍ଷରୁ କମ୍ ସମୟ ବାକି ଥିବାବେଳେ କେନ୍ଦ୍ର ସରକାରଙ୍କ ଦେଢବର୍ଷରେ ୧୦ ଲକ୍ଷ ନିଯୁକ୍ତି ବାସ୍ତବ ରୂପ ନେବ ନା ବାର୍ଷିକ ୧୫ ଲକ୍ଷ ନିଯୁକ୍ତି ପରି ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତି ପାଣିର ଗାର ପରି ହେବ, ତାହା ଭବିଷ୍ୟତ କହିବ। ଏହାସତ୍ତ୍ୱେ ଆମେ ସରକାରଙ୍କ ଦେଢବର୍ଷରେ ୧୦ ଲକ୍ଷ ନିଯୁକ୍ତି ମିଶନକୁ ସ୍ୱାଗତ କରୁଛୁ।



**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସାମ୍ବାଦିକତାରେ ଜିହାଦି

**ସୌମେନ୍ଦ୍ର ଜେନା**



ଜିହାଦି ବା ସନ୍ତ୍ରାସବାଦୀ ମାନସିକତା କେବଳ ସମାଜରେ ଅଶିକ୍ଷିତ ବା ଦରିଦ୍ର ଲୋକଙ୍କ ପାଖରେ ଯେ ରହିଥାଏ ତା' ନୁହେଁ ଶିକ୍ଷିତ, ପ୍ରତିଷ୍ଠିତ ବର୍ଗ ମଧ୍ୟରେ ଏହା ମଧ୍ୟ ରହିଥାଏ। ବିଗତ ଦିନମାନଙ୍କରେ ଓସାମାଠାରୁ ଜବାହିରି ଯାଏଁ କେହି ଅଶିକ୍ଷିତ କିମ୍ବା ଅଳ୍ପ ଶିକ୍ଷିତ ନଥିଲେ, ଏମାନେ ଶିକ୍ଷିତ ହୋଇ ମଧ୍ୟ ସନ୍ତ୍ରାସବାଦର ନେତୃତ୍ୱ ନେଇଥିଲେ। ଆମେରିକାର ଜେଲ ମଧ୍ୟରେ ଥିବା ଲେଡି ଓସାମା ମଧ୍ୟ ଜଣେ ଉଚ୍ଚଶିକ୍ଷିତା ମହିଳା ଯାହାପାଇଁ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ସଂଖ୍ୟାଧିକ ଲୋକଙ୍କୁ ହତ୍ୟା କରାଯାଇଛି। ସେମିତି ଜିହାଦି ବିଚାରର ପ୍ରସାର ପାଇଁ ସନ୍ତ୍ରାସବାଦକୁ, ମୌଳବାଦକୁ ସମାଜରେ ପ୍ରତିଷ୍ଠା ଦେବାଲାଗି କେବଳ ମୁଲ୍ଲା, ମୌଲବୀ କିମ୍ବା ଧର୍ମାନ୍ଧତାର ପ୍ରଚାରକମାନେ ଯେ କେବଳ ଦାୟୀ ତା' ନୁହେଁ, ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧରିରଖିବା ପାଇଁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଥିବା ଗଣମାଧ୍ୟମର ଏଥିପାଇଁ କିଛି କମ୍ ସହଯୋଗ ନାହିଁ। ଖବର ପ୍ରଚାର ନାମରେ ସନ୍ତ୍ରାସବାଦୀଙ୍କ ମହିମାମଣ୍ଡନ କରିବା ପରି ବ୍ୟକ୍ତିମାନେ ଗଣମାଧ୍ୟମରେ ଥିଲାବେଳେ ସମାଜକୁ ଘୃଣା କରୁଥିବା ଅସଭ୍ୟ ଲୋକେ ଗଣମାଧ୍ୟମରେ ମଧ୍ୟ ରହିଛନ୍ତି। ଯେମିତି ଆନ୍ତର୍ଜାତିକ ସ୍ତରରେ କାତାର ସରକାରଙ୍କ ପ୍ରୋତ୍ସାହନକ୍ରମେ କାର୍ଯ୍ୟରତ ଅଲ୍ ଜଜିରା ଗଣମାଧ୍ୟମରେ ଜିହାଦି ବିଚାରର ଅଧିକ ପ୍ରସାର ହେଉଥିଲା ବେଳେ ସେହି ସଂସ୍ଥାରେ ସଂଖ୍ୟାଧିକ ଜିହାଦି ସାମ୍ବାଦିକର ପରିଚୟ ନେଇ ଭିନ୍ନ ଭିନ୍ନ ଦେଶରେ କାର୍ଯ୍ୟରତ। ଭାରତର ଗଣମାଧ୍ୟମରେ ସେହି ବିଚାରର କିଛି କମ୍ ଲୋକ ନାହାନ୍ତି। ଏଠାରେ କେବଳ ଅଳ୍ପ କେତେକଙ୍କ ସଂପର୍କରେ ଆଲୋଚନା କରାଯାଉଛି।

ପ୍ରଚାରବାଦୀ ୱେବସାଇଟ୍ ଅଲ୍‌ଟ ନିଉଜ୍ ସଂପର୍କରେ ବିଗତ ଦିନମାନଙ୍କରେ ଅନେକ ଅଭିଯୋଗ ଆସିଛି। ଏହି ସଂସ୍ଥା ସିଏଏ ଆନ୍ଦୋଳନ, ଶାହିନବାଗ ଝାମେଲା, ଋଷୀ ଆନ୍ଦୋଳନ, ଦିଲ୍ଲୀ ଦଙ୍ଗା ସମୟରେ ଅନେକ ବିଭ୍ରାନ୍ତିକର ଖବର ପ୍ରକାଶ କରୁଥିବାର ଆଲୋଚନା ହୋଇଥିଲା। କିନ୍ତୁ ଏହି ସଂସ୍ଥାର ପ୍ରତିଷ୍ଠାତା ମହମ୍ମଦ ଜୁବୈର ଯେ ଜଣେ ଜିହାଦି ମାନସିକତାସଂପନ୍ନ ବ୍ୟକ୍ତି ତାହା ତାଙ୍କ ଲେଖାରୁ ଜାଣିହେବ। ଚଳିତ ମାସ ୧୩ ଜୁନ୍ ୨୦୨୨ ଦିନ ଜୁବୈରଙ୍କ ସୋସିଆଲ ମିଡିଆର ଆକାଉଣ୍ଟ ବନ୍ଦ ହେଲାବେଳେ ଫେସବୁକ୍ ପ୍ରୋଫାଇଲ ଆଦି (ଅଲ୍‌ଟନିଉଜ୍ ଜୁବୈର) ଡିଲିଟ୍ ହୋଇଯାଇଛି। ଅଲ୍ଟ ନିଉଜର ପ୍ରତିଷ୍ଠାତା ଜୁବୈରଙ୍କ ସୋସିଆଲ ମିଡିଆ ପୃଷ୍ଠାରେ ହିନ୍ଦୁ ଦେବାଦେବୀଙ୍କୁ ଘୃଣାକରି ଲେଖୁଥିବା ପୋଷ୍ଟଗୁଡିକ ଭାଇରାଲ ହୋଇଯିବା ପରେ ବାଧ୍ୟ ହୋଇ ଜୁବୈରଙ୍କୁ ନିଜ ଆକାଉଣ୍ଟକୁ ଡିଆକ୍ଟିଭେଟ କରିବାକୁ ପଡିଛି।

ଗତ କିଛିଦିନ ଧରି ଜୁବୈର ନୂପୁର ଶର୍ମାଙ୍କ ବିରୋଧରେ ଇସଲାମପନ୍ଥୀଙ୍କୁ ଉତ୍ତେଜିତ କରିବାକୁ କାର୍ଯ୍ୟକରି ଆସୁଛନ୍ତି। ନୂପୁର ଶର୍ମାଙ୍କ ବିରୋଧରେ କହୁଥିବା ମୌଳବାଦୀଙ୍କ ମୁଣ୍ଡ ଗଣ୍ଡି କାଟି ଅଲଗା କରିବା ଧମକକୁ ଅଧିକରୁ ଅଧିକ ପ୍ରସାର କରାଯାଇଆସୁଛି। ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକତାର ଆଢୁଆଳରେ ଜିହାଦି ମନ୍ତବ୍ୟ ଦେଉଥିବା ଜୁବୈରଙ୍କ କାରନାମାକୁ ଟ୍ୱିଟର ୟୁଜର ଦି ହକ୍ ଆଇ ଧରିନେବା ପରେ ତାଙ୍କ ମାନସିକତା ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ଜୁବୈରଙ୍କ ୩୦ ଅକ୍ଟୋବର ୨୦୨୧ର ଗୋଟିଏ ପୋଷ୍ଟକୁ ଉଲ୍ଲେଖ କରିଥିଲା, ଯେଉଁଥିରେ ଜୁବୈର ଭାଟିକାନ ସିଟିର ଫଟୋ ସହ ଶିବଲିଙ୍ଗର ଫଟୋକୁ ଯୋଡି ଲେଖିଥିଲେ ରୋମର ଚର୍ଚ୍ଚ ପରିସର ଶିବଲିଙ୍ଗ ଆକୃତିର ତାହା ପୁଣି ଏନ୍‌ଡିଟିଭିର କୌଣସି ଏକ ଫଟୋକୁ ନେଇ କୁହାଯାଇଥିଲା। ଠିକ୍ ସେହିପରି ତାଙ୍କ ଫେସବୁକ୍ ପୃଷ୍ଠା ଅନ୍‌ଅଫିସିଆଲ ମହମ୍ମଦ ଜୁବୈରରେ ରାମାୟଣ ସିରିଏଲରେ ରାମ ଚରିତ୍ରରେ ଅଭିନୟ କରିଥିବା ଅରୁଣ ଗୋଭିଲଙ୍କୁ କଟାକ୍ଷ କରି ଲେଖାଯାଇଥିଲା ଯେ ଇସ୍ରୋ ଅରୁଣ ଗୋଭିଲଙ୍କଠାରୁ ପରାମର୍ଶ ଗ୍ରହଣ କରିବା ଉଚିତ୍। କାରଣ ରକେଟରୀ/ବିମାନ ସଂପର୍କରେ ତାଙ୍କୁ ଅଧିକ ଜଣାଅଛି। ଏହି ପୋଷ୍ଟ ମାଧ୍ୟମରେ ସେ କେବଳ ଅରୁଣ ଗୋଭିଲ ନୁହଁନ୍ତି ଦେଶର ପ୍ରାଚୀନ ସଂସ୍କୃତ ଗ୍ରନ୍ଥ, ପ୍ରାଚୀନ ଜ୍ଞାନଧାରାକୁ କଟାକ୍ଷ କରିବାକୁ ଚାହୁଁଥିଲେ, ଯେମିତି ସଂସ୍କୃତରେ ଥିବା ପ୍ରାଚୀନ ସଂହିତାଗୁଡିକର କୌଣସି ମୂଲ୍ୟ ନାହିଁ। ଦୁଃଖର କଥା ହେଲା ଯେ ଇଂରାଜୀ ଶିକ୍ଷିତ ଏବଂ ସଂସ୍କୃତରେ ନିରକ୍ଷର ବହୁଲୋକ ନିଜର ନୋବେଲ ଜ୍ଞାନର ଅହଂକାରକୁ ନେଇ ବହୁ ଯୁକ୍ତି ଦର୍ଶାଇଥା'ନ୍ତି। କିନ୍ତୁ ହଜାର ହଜାର ବର୍ଷ ପୂର୍ବେ ପ୍ରାଚୀନ ଭାରତୀୟ ଗ୍ରନ୍ଥଗୁଡିକରେ ବିମାନ, କ୍ଷେପଣାସ୍ତ୍ର ସଂପର୍କିତ ଯେପରି ବର୍ଣ୍ଣନା ରହିଛି, ସେମିତି ଦକ୍ଷିଣ ଭାରତର ପ୍ରାଚୀନ ମନ୍ଦିରଗୁଡିକର ପ୍ରସ୍ତରଖୋଦିତ ମୂର୍ତ୍ତିରେ ଏପରି କ୍ଷେପଣାସ୍ତ୍ର ଛଡାଯାଉଥିବାର ଚିତ୍ରମାନ ରହିଛି, ଯାହା ସଂପର୍କରେ ଜୁବୈରଙ୍କ ପରି ଲୋକଙ୍କର କୌଣସି ଧାରଣା ନାହିଁ। ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ଭାରତୀୟ ମନୀଷାର ତୁଳନା କରିପାରିବ ନାହିଁ। ସେଥିପାଇଁ ଗଭୀର ଅଧ୍ୟୟନ ସହ ସଂସ୍କୃତି ଜ୍ଞାନ ଥିବା ଆବଶ୍ୟକ। ଅଥଚ ଏସବୁ ନଥାଇ ମଧ୍ୟ ଜୁବୈର ନିଜକୁ ମହାଜ୍ଞାନୀ ମନେକରିବା ତାଙ୍କ ମୂର୍ଖତାର ପରିଚୟ ଦେଇଥାଏ। ଠିକ୍ ସେମିତି ଅନ୍‌ଅଫିସିଆଲ ମହମ୍ମଦ ଜୁବୈର ନାମକ ଅନ୍ୟ ଏକ ପୋଷ୍ଟରେ ପାଣି ଭିତରେ ପଡିଥିବା ଏକ ଜାହାଜର ଫଟୋ ସହ କ୍ୟାପସନ ବା ଶୀର୍ଷକ ଲେଖା ଯାଇଛି, "ବ୍ରେକିଂ: ରାବଣ ଦ୍ୱାରା ୫୦୦୦ ବର୍ଷ ପୂର୍ବେ ବ୍ୟବହୃତ ହେଉଥିବା ଅଣ୍ଡରୱାଟର ପୁଷ୍ପକ ବିମାନ ଭାରତ ମହାସାଗରରେ ମିଳିଛି।" ସେ ଆହୁରି ମଧ୍ୟ ଲେଖିଛନ୍ତି, "ବାବା ରାମଦେବ ଗୋମୂତ୍ର ଇନ୍ଧନ ପ୍ରସ୍ତୁତିରେ ଲାଗିଛନ୍ତି।" ସେଥିରେ ସେ ଆଇଆଇଟିଗୁଡିକୁ ସେ ସଂପର୍କରେ ଅଧିକ ଗବେଷଣା କରିବାକୁ କହିଛନ୍ତି। ୧୮ ଏପ୍ରିଲ ୨୦୧୮ରେ ଜୁବୈରଙ୍କ ଏକ ପୋଷ୍ଟରେ ସେ ଲେଖିଥିଲେ, "ପ୍ରାଚୀନ ଲାପ୍‌ଟପରେ କୌଣସି ପ୍ରୋସେସର କିମ୍ବା ରାମ ନ ଥିଲେ, ଏହାକୁ ପରେ ମିଶନାରୀ ଗଣିତଜ୍ଞ ଚାର୍ଲସ ବାବେଜ ନକଲ କରିଥିଲେ। ସେ ସମୟରେ କମ୍ପ୍ୟୁଟର ଶିକ୍ଷା ପାଇଁ ସଂସ୍କୃତ ଜାଣିବା ନିହାତି ଆବଶ୍ୟକ ଥିଲା। କେବଳ ବିରାଟ ହିନ୍ଦୁମାନେ ହିଁ କମ୍ପ୍ୟୁଟର ଚଳାଇ ପାରୁଥିଲେ, ନିମ୍ନଜାତିର ଲୋକମାନଙ୍କୁ ସଂସ୍କୃତ ପଢିବାରେ ବାରଣ ରହିଥିଲା।" ଜୁବୈରଙ୍କ ଦ୍ୱାରା ୧୭ ଏପ୍ରିଲ ୨୦୧୮ରେ ପୋଷ୍ଟ ହୋଇଥିବା ଅନ୍ୟ ଏକ ଲେଖାରେ ଧୃତରାଷ୍ଟ୍ରଙ୍କ ନିକଟରେ ସଞ୍ଜୟ ବସିଥିବାର ଏକ ଛବିରେ ସଞ୍ଜୟଙ୍କ ହାତରେ ଲାପ୍‌ଟପ୍ ଧରିଥିବା ଦର୍ଶାଯାଇ ଲେଖାଯାଇଛି, "କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧର ଲାଇଭ ଭିଡିଓକୁ ଧୃତରାଷ୍ଟ୍ରଙ୍କୁ ଦେଖାଉଛନ୍ତି ସଞ୍ଜୟ।" ଏଠାରେ ମହାଭାରତର ସଞ୍ଜୟଙ୍କ ଜ୍ଞାନଚକ୍ଷୁକୁ କଟାକ୍ଷ କରାଯାଇଛି।

ଗଣମାଧ୍ୟମରେ କାର୍ଯ୍ୟରତ ଅନ୍ୟ ଜଣେ ଜିହାଦି ସାମ୍ବାଦିକା ହେଲେ ସାବା ନକ୍‌ବି। ୧୮ ମଇ ୨୦୨୨ରେ ସେ ତାଙ୍କର ଟ୍ୱିଟର ପୃଷ୍ଠାରେ ଗୋଟିଏ ପଟେ ଏକ ଶିବଲିଙ୍ଗ ଫଟୋ ସହ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ଫଟୋକୁ ପେଷ୍ଟ କରି ଲେଖିଥିଲେ, "ବ୍ରେକିଂ: ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରଠାରେ ବିଶାଳକାୟ ଶିବଲିଙ୍ଗ ଆବିଷ୍କୃତ ହୋଇଛି।" ଏହାପରେ ୮ ଜୁନ୍ ୨୦୨୨ରେ ଦିଲ୍ଲୀ ପୋଲିସ ସାବାଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିଥିଲା। ହେଲେ ସାବା ସାମ୍ବାଦିକା ହୋଇଥିବାରୁ ତାଙ୍କୁ ସାତଖୁଣ ମାଫ୍ କରିବା ଦରକାର ବୋଲି ଯୁକ୍ତି ଦର୍ଶାଇ ଭାରତୀୟ ମହିଳା ସାମ୍ବାଦିକ ସଂଘ ଏବଂ ପ୍ରେସ କ୍ଲବ ଅଫ ଇଣ୍ଡିଆ ପକ୍ଷରୁ ତାଙ୍କ ବିରୋଧରେ କୌଣସି ଅନୁସନ୍ଧାନ କରା ନ ଯିବା ଲାଗି ଦାବି କରାଯାଇ ସମସ୍ତ ଅଭିଯୋଗପତ୍ର ହଟାଇ ନିଆଯିବା ପାଇଁ କୁହାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଗତ ଦିନରେ ଗଣମାଧ୍ୟମର ବିତର୍କ କିମ୍ବା ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଅନ୍ୟ ଧର୍ମ ପ୍ରତି କଟାକ୍ଷ ମାଧ୍ୟମରେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ କିମ୍ବା ସାଧାରଣରେ ହିଂସାକୁ ପ୍ରୋତ୍ସାହନ ଦେଲାପରି ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପୋଲିସ୍ ଏଫ୍‌ଆଇଆର୍ କରାଯାଇଥିଲା। ଯେଉଁ ତାଲିକାରେ ଭାରତୀୟ ଜନତାପାର୍ଟିର ପୂର୍ବତନ ପ୍ରବକ୍ତା ନୂପୁର ଶର୍ମା, ଦିଲ୍ଲୀ ପ୍ରଦେଶର ବିଜେପି ନେତା ନବୀନ କୁମାର ଜିନ୍ଦଲ, ସଦାବ ଚୌହାନ, ମୌଲାନା ମୁଫତି, ନଦୀମ, ଅବଦୁର ରେହମାନ, ଗୁଲଜାର ଅନ୍‌ସାରୀ, ଅନିଲ କୁମାର ମିନା, ପୂଜା ସାକୁନ, ରାଜସ୍ଥାନର ମୌଲାନା ମୁଫତି ନଦୀମ୍, ଅସଦୁଦ୍ଦୀନ ଓୱାଇସୀ, ନରସିଂହାନନ୍ଦ ସରସ୍ୱତୀ ଆଦିଙ୍କ ନାମ ରହିଥିଲା। କିନ୍ତୁ ଇଣ୍ଡିଆନ ଓମେନ୍ସ ପ୍ରେସ୍ କର୍ପସ ତାଙ୍କର ଜଣେ ସଦସ୍ୟଙ୍କ ବିରୋଧରେ ହୋଇଥିବା ଅଭିଯୋଗପତ୍ର ଦୁର୍ଭାଗ୍ୟଜନକ କହି ପୋଲିସ ତାହାକୁ ପ୍ରତ୍ୟାହାର କରିବାପାଇଁ ଦାବି କଲାବେଳେ ସେହି ସଂଗଠନର ଅନ୍ୟ ଜଣେ ସାମ୍ବାଦିକା ଆଶା ଖୋସା ସାବାଙ୍କ ମନ୍ତବ୍ୟକୁ ଗ୍ରହଣ କରନ୍ତି ନାହିଁ ବୋଲି ତାଙ୍କ ଟ୍ୱିଟର ପୃଷ୍ଠାରେ ଲେଖିଛନ୍ତି,"ସାବା ମୋର ଜଣେ ଭଲ ବାନ୍ଧବୀ ହୋଇଥିଲେ ମଧ୍ୟ ଭଗବାନ ଶିବଙ୍କ ସଂପର୍କରେ ତାଙ୍କର ଘୃଣାଭରା ମନ୍ତବ୍ୟ ପାଇଁ ମୁଁ ନିନ୍ଦିତ ହେଲାପରି ଅନୁଭବ କରୁଛି।" ସେମିତି ଅନ୍ୟଜଣେ ସାମ୍ବାଦିକା ଚିତ୍ରା ନାରାୟଣନ୍ କହିଛନ୍ତି ଯେ ସାବାଙ୍କ ବିରୋଧରେ ଅଭିଯୋଗ ପତ୍ର ୱାରେଣ୍ଟ ନଥିବା ହେତୁ ସଂଗଠନର କର୍ମକର୍ତ୍ତାଗଣ ସଦସ୍ୟାମାନଙ୍କ ସହ କୌଣସି ପ୍ରକାର ଆଲୋଚନା ନକରି ବିଜ୍ଞପ୍ତି ଦେବା ଠିକ୍ ନୁହେଁ। ସଂଗଠନ ପକ୍ଷରୁ ସଦସ୍ୟାମାନଙ୍କୁ ଏପରି ଅରୁଚିକର ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବାକୁ କୁହାଯିବା ଉଚିତ୍ ବୋଲି ସେ କହିଛନ୍ତି। ସେହିପରି ଟାଇମ୍ସ ଅଫ୍ ଇଣ୍ଡିଆର ସାମ୍ବାଦିକା ଭାରତୀ ଜୈନ ତାଙ୍କ ଟ୍ୱିଟରରେ ସଂଗଠନର ବିଜ୍ଞପ୍ତିକୁ ଗ୍ରହଣ କରୁନାହାନ୍ତି ବୋଲି ଉଲ୍ଲେଖକରି ଆଇନକୁ ତାର କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଲେଖିଛନ୍ତି। ତେଣୁ ଦେଖିବାକୁ ଗଲେ ଗଣମାଧ୍ୟମର ଜିହାଦିଙ୍କୁ ସବୁକିଛି ଛାଡ କରାଯିବା କଥାକୁ ସମସ୍ତେ ଯେ ଆଖିବୁଜି ଗ୍ରହଣ କରିନେବେ ତାହା ନୁହେଁ। ସମ୍ମାନର ସହ କାର୍ଯ୍ୟରତ ନିଷ୍ପାପର ସାମ୍ବାଦିକମାନେ ଏପ୍ରକାର କଳଙ୍କଯୁକ୍ତ ସହକର୍ମୀଙ୍କ ପାଇଁ କିପରି ଅନୁତପ୍ତ ହୋଇଛନ୍ତି ତାହା ମଧ୍ୟ ଦେଖିବାକୁ ମିଳିଛି।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସମାଧାନ

**ଅନୀତା ପଟ୍ଟନାୟକ**



ପ୍ରଜ୍ଞାନ ଏକ ଆଧୁନିକ ଯୁଗର ପୁଅଟିଏ ଥିଲା। ସେ କିନ୍ତୁ ଖୁବ କୌତୁହଳପରାୟଣ। ସବୁ କଥାକୁ କେବଳ ଯୁକ୍ତି ଓ ଧୀଶକ୍ତି ମାଧ୍ୟମରେ ବୁଝିବାକୁ ଚେଷ୍ଟା କରୁଥିଲା। ତେଣୁ ତାକୁ ଆଧ୍ୟାତ୍ମିକତା ପୁରାଣ କଥା ଏତେ ଭଲ ଲାଗୁ ନ ଥିଲା ଓ ଭାବୁଥିଲା କୌଣସି କାରଣ ନଥାଇ ଏଗୁଡ଼ିକ ଜନସମାଜ ଉପରେ ଲଦି ଦିଆଯାଇଛି ଓ ଏହା ବିଜ୍ଞାନସମ୍ମତ ନୁହେଁ।

ଘରେ ବାରଣ ସତ୍ତ୍ୱେ ତା'ର ବାପାଙ୍କର ଶବଦାହ ସମୟରେ ସେ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲା। ଭାଇ ତା'ର ମୁଖାଗ୍ନି ଦେବା ପୂର୍ବରୁ ଦେଖିଲା ତା'ର ବାପାଙ୍କୁ ଯୁଇରେ ଚାରିପଟେ ବୁଲାଇ ଆଣୁଥିବା ସମୟରେ କର୍ମ କରୁଥିବା ବ୍ରାହ୍ମଣ ଜଣକ କହି ଉଠିଲେ, "ହେ ଦଶଦିଗପାଳ! ହେ ଭଗବାନ, ଆମେ ଜାଣୁନା ଏ ଶରୀର ମଧ୍ୟରେ ଆତ୍ମା ଅଛି କି ନାହିଁ, କିନ୍ତୁ ଆତ୍ମା ନାହିଁ ବୋଲି ବିଶ୍ୱାସ କରି ଏ ଶବଦାହ କରୁଅଛୁ। ଏ ଶବରେ ଆତ୍ମା ଥିଲେ ଆମକୁ କ୍ଷମା କରିବ।"

ପ୍ରଜ୍ଞାନକୁ ଏପରି, ଉକ୍ତି ଏକ ମୂଢ଼ର ଉକ୍ତି ପରି ଲାଗିଥିଲା, କାରଣ ସେ ତା'ର ପିତାଙ୍କୁ ଡାକ୍ତରଖାନାରୁ ତା'ର ଭାଇ ସହିତ ଶବଟିକୁ ଆଣିବା ସମୟରେ ଡାକ୍ତର ମୃତ ବୋଲି ଏକ ଘୋଷଣାପତ୍ର ଦେଇଥିଲେ। ଦିନେ ସେ ରାସ୍ତାରେ ଯାଉଥିବା ସମୟରେ ଦେଖିଲା ଜଣେ ଗୁରୁ ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷାଶ୍ରମରେ ଗୋଟିଏ ଶ୍ଳୋକର ଅର୍ଥ ଏପରି ଭାବେ ବୁଝାଉଥିଲେ। କୌତୂହଳ ହେତୁ ପ୍ରଜ୍ଞାନ କାନ ଡେରିଲା ଗୁରୁ ଯେଉଁ ଶ୍ଳୋକ ଶିଷ୍ୟମାନଙ୍କୁ ବୁଝାଉଥିଲେ ତାହା ଏହିପରି ଥିଲା।

'କର ଚରଣ କୃତଂ ବାକ୍ କାୟଜଂ କର୍ମଜଂବା, ଶ୍ରବଣ ନୟନଜଂବା ମାନସଂ ଅପରାଧମ୍ ବିହିତମ୍। ଅବିହିତଂ ବା ସର୍ବଂ ଏତତ୍ କ୍ଷମସ୍ୱ, ଜୟ ଜୟ କରୁଣାବ୍ଧେ' ଶ୍ରୀମହାଦେବ ଶମ୍ଭୁ। ଏହି ଶ୍ଳୋକଟିକୁ ବୁଝାଇବାକୁ ଯାଇ ଗୁରୁ କହିଲେ ଆମ୍ଭର ହାତ, ପାଦ, ବାକ୍ୟ, ଶରୀର, କର୍ମ, ଶ୍ରବଣ, ନୟନ, ଚିନ୍ତାରେ ଆମ୍ଭେ ଜାଣନ୍ତରେ ହେଉ ବା ଅଜାଣତରେ ହେଉ ଯେଉଁସବୁ ଭୁଲ କାମ କରୁଅଛୁ ସେଥିନିମନ୍ତେ ମହାଦେବ (ଭଗବାନ)ଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଉଚିତ। ଏପରି କ୍ଷମା ପ୍ରାର୍ଥନା ଆମେ ସର୍ବଦା ରାତିରେ ଶୋଇବା ବେଳେ କରିବା ଉଚିତ।

ପ୍ରଜ୍ଞାନ କେତେକ ଧର୍ମାବଲମ୍ବୀ ଲୋକମାନେ ମୁହଁ ଓ ନାକକୁ ଘୋଡ଼ାଇ କପଡ଼ ବାନ୍ଧିଥିବାର ଦେଖିଥିଲା। ସେମାନେ କାହିଁକି ଏପରି କରୁଛନ୍ତି ପଚାରିବାରୁ କୀଟପତଙ୍ଗ, ଜୀବାଣୁଙ୍କୁ ସେମାନେ ଯେପରି ନିଃଶ୍ୱାସ ଓ ପାଟି ବାଟେ ମାରି ନ ଦିଅନ୍ତି, ସେଥିପାଇଁ ମୁଖା ପିନ୍ଧୁଛନ୍ତି ବୋଲି କହିଥିଲେ।

ପ୍ରଜ୍ଞାନ ଧୀରେ ଧୀରେ ତାର ପିତାଙ୍କ ମୃତ୍ୟୁପରେ ଭଗବାନଙ୍କର ଅସ୍ତିତ୍ୱ ବିଷୟରେ ଅନୁସନ୍ଧାନ କରିବାକୁ ଆରମ୍ଭ କଲା। ଏହାର କାରଣ ହେଉଛି ବାପାଙ୍କର ଚରମପତ୍ର ଅନୁଯାୟୀ ସେ ଏକ ବିଶାଳ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇପାରିଥିଲା ଓ ବିପୁଳ ଧନର ଅଧିକାରୀ ହୋଇ ପୃଥିବୀର ସମସ୍ତ ବଡ଼ ବଡ଼ ଦେଶ ବୁଲି ଆସିଥିଲା। ହେଲେ ତା'ର ମନରେ ସବୁବେଳେ ପ୍ରଶ୍ନ ଆସେ, ମୋ' ପରେ ଏ ସମ୍ପତ୍ତିର ଭବିଷ୍ୟତ କ'ଣ ହେବ? ଆଉ ଦିନେ ପ୍ରଜ୍ଞାନ ସେହି ଆଶ୍ରମ ନିକଟରେ ଯାଉଥିବା ସମୟରେ କୌତୁହଳବଶତଃ ଉକ୍ତ ଗୁରୁଙ୍କ ଆଶ୍ରମକୁ ଯାଇ ପଚାରିଥିଲା ଗୁରୁଦେବ! "ଭଗବାନଙ୍କ ସଂଜ୍ଞା କ'ଣ?" ଗୁରୁଦେବ ତତ୍‌କ୍ଷଣାତ ଉତ୍ତର ଦେଇଥିଲେ ଯେ ସର୍ବତ୍ର ବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞ ସେ ହିଁ ଭଗବାନ। ପ୍ରଜ୍ଞାନକୁ ଏହି ଉକ୍ତିଟି ଏତେ ଭଲ ଲାଗି ନ ଥିଲା। ସେ ଏହାର କାରଣ ବୁଝିବାକୁ ଚାହିଁବାରୁ, ଗୁରୁ କହିଲେ, 'ସ୍ରଷ୍ଟା ବିନା ସୃଷ୍ଟି ହୋଇପାରେ କି?' ଏହା ଅସମ୍ଭବ। ବଢ଼େଇଟିଏ ନଥିଲେ ଚେୟାରଟିଏ ତିଆରି ହେବା ଅସମ୍ଭବ। ତେଣୁ ଭଗବାନ ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସେ ହିଁ ସଂହାରକର୍ତ୍ତା ଅଟନ୍ତି। ଭଗବାନ ମଣିଷର ଦେହରେ କେଉଁଠାରେ ଅବସ୍ଥିତ ପଚାରିବାରୁ ଗୁରୁ କହିଥିଲେ ସେ ଯେହେତୁ ସର୍ବତ୍ର ବିଦ୍ୟମାନ ତେଣୁ ଶରୀରର ପ୍ରତ୍ୟେକ ଅଂଶରେ ସେ ବିଦ୍ୟମାନ। ପ୍ରଜ୍ଞାନ ସେହିଦିନ ବୁଝି ପାରିଥିଲା ମୃତ ଶରୀର ମଧ୍ୟରେ ମଧ୍ୟ ଭଗବାନଙ୍କର ଉପସ୍ଥିତିର ସମ୍ଭାବନାକୁ ଚିନ୍ତା କରି ପିତାଙ୍କର ଶବଦାହ ସମୟରେ ସେ ବ୍ରାହ୍ମଣ କାହିଁକି କ୍ଷମାପ୍ରାର୍ଥନା କରିଥିଲା। ତା' ମନରେ ପ୍ରଶ୍ନ ଉଠିଲା ଯଦି ଭଗବାନ ସର୍ବତ୍ର ବିଦ୍ୟମାନ, ମନୁଷ୍ୟ ଯେଉଁଠାରେ ମଳ, ମୂତ୍ର ତ୍ୟାଗ କରେ, ସେଠାରେ ମଧ୍ୟ ଭଗବାନ ଥାଇପାରନ୍ତି। ତେଣୁ ପ୍ରଜ୍ଞାନ ସେଦିନ ବୁଝିପାରିଥିଲା ଗୁରୁଦେବ ଶିଷ୍ୟମାନଙ୍କୁ ସବୁଦିନ ରାତିରେ ଶୋଇବା ପୂର୍ବରୁ କାହିଁକି କ୍ଷମାପ୍ରାର୍ଥନା ଶିକ୍ଷା ଦେଉଥିଲେ। ହେଲେ ଏ ଧନକୁ ଧରି ଭଗବାନଙ୍କ ନିକଟକୁ ଯାଇହେବ କି ବୋଲି ପ୍ରଶ୍ନ କରିବାରେ, ଗୁରୁ ହିଁ କହିଲେ କିନ୍ତୁ ତା'ର ଏକ ଉପାୟ ଅଛି। ଉପାୟଟି କ'ଣ ବୋଲି ପଚାରିବାରୁ ଗୁରୁଦେବ କହିଥିଲେ, "ତୁମେ ଯେଉଁ ସାରା ପୃଥିବୀ ବୁଲି ଆସିଲ ଆମ ଦେଶର ପଇସା ସେ ସବୁ ଦେଶରେ ଚଳୁ ନ ଥିବାରୁ, ତୁମେ ସେ ଦେଶର ଧନରେ, ପରିବର୍ତ୍ତନ କରାଇ ବୁଲି ଆସିଲ। ଯେପରି ଆମ ଟଙ୍କାକୁ, ଆମେରିକାରେ ଡଲାର, ରୁଷିଆରେ ରୁବେଲ, ଜାପାନରେ ୟେନରେ ଇତ୍ୟାଦି ଇତ୍ୟାଦି। ସେହିପରି ଭଗବାନଙ୍କ ନିକଟରେ ଆମ ପାଖରେ ଥିବା ଗଚ୍ଛିତ ଧନ ଚଳେନାହିଁ। ଏହାକୁ ତୁମେ ଯଦି ଧର୍ମ ଧନରେ ପରିଣତ କରିପାରିବ ଓ ଜନମାନସର ସେବାରେ ଲଗାଇପାରିବ, ତେବେ ଉକ୍ତ ଧର୍ମରୂପୀ ଧନକୁ ଧରି ଭଗବାନଙ୍କ ନିକଟକୁ ଯାଇପାରିବ।"

ସେହିଦିନଠାରୁ ପ୍ରଜ୍ଞାନର ଏକ ପରିବର୍ତ୍ତନ ଆସିଲା। ଭଗବାନଙ୍କର ଅସ୍ତିତ୍ୱକୁ ସେ ବିଶ୍ୱାସ କଲା ଓ ସମସ୍ତଙ୍କୁ କହିଲା There can not be a creation without a creater ଓ ତା' ନିକଟରେ ଥିବା ସମ୍ପତ୍ତିକୁ ସେବାକାର୍ଯ୍ୟରେ ସବୁ ଉପଯୋଗ କଲା।

*-ଅବସରପ୍ରାପ୍ତ ପ୍ରାଧ୍ୟାପିକା,*
*ସଂସ୍କୃତ ବିଭାଗ, ସିଡିଏ, କଟକ,*
*ଦୂରଭାଷ: ୯୮୬୧୧୧୮୬୭୩*

# ସତ୍‌ସଙ୍ଗର ଆହ୍ୱାନ-ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ

**••••••ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର••••••**



ଯୁଗପୁରୁଷୋତ୍ତମ କଲ୍‌କୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ମହାଭାବ ସମାଧି ଅବସ୍ଥାରେ ତାଙ୍କରି ଶ୍ରୀମୁଖରୁ ନିଃସୃତ ପୁଣ୍ୟପୋଥି ମାନବ ସମାଜ ପାଇଁ ଏକ ଅମୂଲ୍ୟ ଅବଦାନ। କୀର୍ତ୍ତନର ଚରମରେ ଏହି ମହାଭାବ ସମାଧି ଅବସ୍ଥା-ବାହ୍ୟଜ୍ଞାନ ଶୂନ୍ୟ ଅବସ୍ଥାରେ ମାଟିରେ ଲୋଟି ପଡୁଥିଲେ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ବହୁପ୍ରକାରର ଆସନ ଓ ମୁଦ୍ରା-କେତେବେଳେ କୂର୍ମାସନ, ପଦ୍ମାସନ, ବୀରାସନ, ରାଜାସନ, ଏହିପରି ଶତାଧିକ ଆସନ ଓ ମୁଦ୍ରାର ଲହରୀ ଅପୂର୍ବ କ୍ଷିପ୍ରତାର ସହିତ ତାଙ୍କ ଶରୀରରେ ଦେଖାଯାଉଥିଲା। ଶ୍ୱାସକ୍ରିୟା ଓ ହୃତ୍‌ପିଣ୍ଡର କ୍ରିୟା ମଧ୍ୟ ବନ୍ଦ ହୋଇଯାଉଥିଲା। ଚେତନାଶୂନ୍ୟ, ହୃଦ୍‌ସ୍ପନ୍ଦନ ବନ୍ଦ, ଶ୍ୱାସହୀନ ନିଥର ଶରୀରରୁ ମଝିରେ ମଝିରେ ଧୀର ଉଦାତ୍ତ ସ୍ୱରରେ ନାନା ଭାଷାରେ ବାଣୀସମୂହ ଉଚ୍ଚାରିତ ହେଉଥିଲା, ତାହା ହିଁ ପୁଣ୍ୟପୋଥି; -ଏହି ପୁଣ୍ୟପୋଥିରେ ହିଁ ଶ୍ରୀ ଶ୍ରୀ ଠାକୁରଙ୍କର ଆତ୍ମପ୍ରକାଶ। 'ମୁଁ ଚାହେଁ ଶୁଦ୍ଧ ଆତ୍ମା, ସଂସାରୀ ସନ୍ନ୍ୟାସୀ ଦରକାର। ଜଙ୍ଗଲର ସନ୍ନ୍ୟାସୀ ଆଉ ଦରକାର ନାହିଁ। ମୁଁ ଭକ୍ତ, ମୁଁ ଭଗବାନ। ମୁଁ ପୂଜା ଦିଏ, ମୁଁ ହିଁ ପୂଜା ଗ୍ରହଣ କରେ। ମୁଁ ଅସୁର, ମୁଁ ଦେବତା। ମୁଁ ଗୁଣମୟୀ ପ୍ରକୃତି, ମୁଁ ହିଁ ନିର୍ଗୁଣ ପୁରୁଷ। ମୁଁ ହିଁ ଶତ୍ରୁ, ମୁଁ ମିତ୍ର; ମୁଁ ପ୍ରଶାନ୍ତ ମହାସାଗର, ମୁଁ ଅଭ୍ରଭେଦୀ ହିମଗିରି। ମୁଁ ହିଁ ସ୍ୱର୍ଗ, ମୁଁ ହିଁ ନର୍କ। ମୁଁ ହିଁ ମୋର ଯମ, ମୁଁ ହିଁ ମୋର ଦେବତା। ମୁଁ ଅହି, ମୁଁ ନକୁଳ। ମୁଁ ସାପ ହୋଇ କାମୁଡ଼େ, ମୁଁ ହିଁ ଗୁଣିଆ ହୋଇ ଝାଡ଼େ। ମୁଁ ହିଁ କୁରୁକ୍ଷେତ୍ର, ମୁଁ ହିଁ ଭଗବାନ।' "ମୁଁ ମୋର ଉଠିପଡ଼ିଛି - ଜୀବ, ତୋର ଚିନ୍ତା କ'ଣ? ତୋର ଶୋକ-ଦୁଃଖ କ'ଣ? ଦୌଡ଼ି ଆସ, ବିଶ୍ୱାସ କର, କୀର୍ତ୍ତନରେ ଯୋଗ ଦିଅ ଓ ବ୍ରହ୍ମସାଗରରେ ବୁଡି ଯାଓ। ତୁମ୍ଭମାନଙ୍କର ମହା ମହା ପାପ ଥାଉ, ବ୍ରହ୍ମହତ୍ୟା, ଗୋହତ୍ୟା, ସ୍ତ୍ରୀ ହତ୍ୟା ଇତ୍ୟାଦି କରି ମଧ୍ୟ ଭୟ ନାହିଁ। ମୋତେ ବିଶ୍ୱାସ କର, ଆତ୍ମାକୁ ବିଶ୍ୱାସ କର, ଶୀଘ୍ର ଦୌଡ଼ି ଆସ, ନାଚି ନାଚି ଚାଲିଆସ, ଭଗବାନ କହି ଚାଲି ଆସ, ଜୟ ଜିସାସ୍, ଜୟ ଜିସାସ୍ କହି ଛୁଟି ଆସ, କିଏ କେଉଁଠି ଅଛ, ଶିଖ୍, ବୌଦ୍ଧ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ, ବ୍ରାହ୍ମଣ, ବୈଷ୍ଣବ-ଆସ ଚଣ୍ଡାଳ, ଥରେ ମାତ୍ର ପରମାତ୍ମାର ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୁଁ ହାତଦେଇ ପୋଛିଦେବି। ଦେଖ, ଭଗବାନ ହିଁ ଚିନ୍ତାମଣି। ଚିନ୍ତା କରୁ କରୁ ଏହି ମଣି ଲାଭ ହୁଏ। ତାକୁ ଯିଏ ସ୍ପର୍ଶ କରେ, ସେ ହୁଏ ନୀଳକାନ୍ତ ମଣି। ଭଗବାନଙ୍କୁ ପାଇବା କ'ଣ କଷ୍ଟରେ? ଗୁରୁ ପାଇବା ହିଁ କଷ୍ଟ, ସମୟ ହେଲେ ସଦ୍‌ଗୁରୁ ମିଳେ, ସଦ୍‌ଗୁରୁ ହିଁ ଭଗବାନ।" ପୁନର୍ବାର ସେହି ଅମୋଘ ମନ୍ତ୍ର ଝରୁଛି ସେହି ଯୁଗାବତାରଙ୍କ କଣ୍ଠରୁ - ଆମ୍ଭମାନଙ୍କୁ ଗଙ୍ଗାକୂଳକୁ ଯିବାକୁ ପଡ଼ିବ, ଶବ୍ଦ ଗଙ୍ଗା ଓ ଆକାଶ ଗଙ୍ଗା। ଦେଖ-



ମୋର ନାମ କରୁ କରୁ ଅସଲରେ ତୁମେ ତ୍ରିବେଣୀ ଘାଟରେ ପହଞ୍ଚିବ। ତା'ପରେ ଏହି ଶବ୍ଦ ଗଙ୍ଗା ପାଇଲେ ମନପ୍ରାଣ ଦେଇ ବସିପଡ଼ିବ, ରୂପର ରାଜ୍ୟ ଧୀରେ ଧୀରେ ପାର ହୋଇଯିବ। ତା'ପରେ ରୂପ ମଧ୍ୟ ନାହିଁ, ଏହି ଶବ୍ଦଟା ହିଁ ମୁଁ, ଆଉ ଏହାହିଁ ପ୍ରଣବ। ନାମ କରୁ କରୁ ଛୁଟି ଆସ, ଚିନ୍ତା କ'ଣ? ପ୍ରାଣଭରା ରକ୍ତ ନେଇ ଆସିଛି ତୁମ୍ଭରିମାନଙ୍କ ପାଇଁ। ଆଉ ଭୟ ନାହିଁ। ମୁଁ ଆସିଛି ତୁମ୍ଭରିମାନଙ୍କ ପାଇଁ। ତୁମ୍ଭମାନଙ୍କ ପାଇଁ ପ୍ରାଣବଳି ଦେବି, ଭୟନାହିଁ, ମୋର ପ୍ରାଣ ଆହୂତି ଦେବ। ଆହୂତି ମୋର ପରମାତ୍ମା। ଅନନ୍ତ-ଅନନ୍ତ ପାପ ଥାଉ, ନାମ କର ଦେଖି ମୁଁ ଶୁଣେ, ନର୍କ ପାଇଁ ଭୟ କ'ଣ? ନର୍କ ମଧ୍ୟ ମୋର, ଚିନ୍ତା କ'ଣ? ନାମ କର, ନାମ କର, ଚିନ୍ତା ପୁଣି କ'ଣ? ମୋର ନିଜର ଚିନ୍ତା ଟିକିଏ ମାତ୍ର ନାହିଁ, ତୁମର ଚିନ୍ତା ହିଁ ମୋର ଚିନ୍ତା। ଏକ ନରମ ଆସନରେ, ପଦ୍ମାସନେ ବା ସୁଖାସନେ ବସି ମନକୁ କୂଟସ୍ଥକୁ ନେଇ ମେରୁଦଣ୍ଡକୁ ସିଧା ରଖି ନାମ ଜପ କର। କିଛିଦିନ କରୁ କରୁ ଶବ୍ଦ ମିଳିଯିବ, ଶବ୍ଦଟା ଶୁଣିବାକୁ ହୁଏ ସ୍ଥିର ଚିତ୍ତେ, ମନ ପ୍ରାଣ ଦେଇ। ଯେଉଁ ଅମୃତର ସନ୍ଧାନ ପାଇଛ, ସମସ୍ତଙ୍କୁ ଦେଇ ଦିଅ। ଲତାଗୁଳ୍ମ ପର୍ଯ୍ୟନ୍ତ ସମସ୍ତଙ୍କୁ ଦେଇ ଦିଅ, ଛୁଟି ଯାଅ, ରାସ୍ତାରେ, ଦ୍ୱାରେ ଦ୍ୱାରେ, ପ୍ରତି ନୟନକୋଣରେ, କୁହ-ଅମୃତ ଆଣିଛି, କିଏ ଅଛ କ୍ଷୁଧାତୃଷ୍ଣା କାତର, ମରୁଭୂମି ପ୍ରାଣ, ମୋ' ପାଖରେ ଅମୃତ ଅଛି, ନେଇଯାଅ। ମୃତ୍ୟୁ କ'ଣ, ଅମୃତର ସାଗରେ ତୁମେ ବୁଡି ଯାଇଛ, ଅମୃତମୟ ହୋଇପଡ଼ିଛ, ପାରିଜାତ ହୋଇପଡ଼ିଛ, ପରଶମଣି ହୋଇପଡ଼ିଛ। ପରମପୁରୁଷ କଲ୍‌କୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସମାଧିସ୍ଥ ଅବସ୍ଥାରେ ଏହି ଦେବବାଣୀ ପୁଣ୍ୟପୋଥି ଘରେ ଘରେ ପୂଜା ହେଉଅଛି। ହେ ଅମୃତ ସନ୍ତାନ, ନାମ ଜପ ଓ କୀର୍ତ୍ତନ ଓ ଯାଜନ ପରିକ୍ରମାର ତାଳେ ତାଳେ ନିଜକୁ ଭସାଇ ଦିଅ। ପରମପୁରୁଷଙ୍କ ଏହି ଆହ୍ୱାନରେ ନିଜକୁ ସାମିଲ କର। ଯୁଗେ ଯୁଗେ ବିଶ୍ୱସତ୍ତାକୂଳର ପରମ ଉଦ୍ଧାତା ବିଶ୍ୱବରେଣ୍ୟ ପ୍ରିୟ ପରମ ପୁରୁଷୋତ୍ତମ ତାଙ୍କର ଅଭିନବ ଲୀଳା ରଚନା କରି ସୃଷ୍ଟି ରହସ୍ୟ ଉଦ୍‌ଘାଟନ କରାଇବା ପାଇଁ ନରତନୁରେ ଆଗମନୀ ବାର୍ତ୍ତା ନେଇ ମାଟିର ପୃଥିବୀକୁ ଓହ୍ଲାଇ ଆସନ୍ତି, ମାଟିର ମଣିଷଟିଏ ହୋଇ। ଆଜି ସେହି ପୁଣ୍ୟ ତାଳ ନବମୀ ତିଥି, ୧୮୮୮ ମସିହାରେ ପିତା ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ଶ୍ରୀମତୀ ମନମୋହିନୀ ଦେବୀଙ୍କ ଔରସରେ ଏହି ପୂତ ଆର୍ଯ୍ୟଭୂମି ଭାରତବର୍ଷରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନାମ ବହନ କରି ଆବିର୍ଭାବ ହୋଇଥିଲେ। ହେ ସୁଧୀବୃନ୍ଦ, ଏକବିଂଶ ଶତାବ୍ଦୀର ସଚେତନ ନାଗରିକ-ପୁଣ୍ୟପୋଥିର ପୁଣ୍ୟକୁ ଆସ୍ୱାଦନ କରନ୍ତୁ। ତୁମର ଠାକୁରତ୍ୱ ଜାଗ୍ରତ ହେଲେ ଠାକୁର ତୁମର କେନ୍ଦ୍ରରେ ରହିବେ। ବିଶ୍ୱାସେ ମିଳଇ ହରି। ହରି ବିନା ଅନ୍ୟଗତି ନାହିଁ।

*ସହ-ପ୍ରତି ଉର୍ଦ୍ଧ୍ୱକ, ବିଭାଗୀୟ*
*ମୁଖ୍ୟ ହେପାଟୋଲୋଜି ବିଭାଗ,*
*କଟକ ବଡ଼ମେଡ଼ିକାଲ,*
*ଦୂରଭାଷ:୯୪୩୭୦୫୧୯୫୭*




# କେନ୍ଦ୍ରାପଡ଼ା କ୍ରେଡିଟ୍ କୋପରେଟିଭ ସୋସାଇଟିର

## *ପଞ୍ଚମ ଥର ପାଇଁ ସଭାପତି ହେଲେ ପ୍ରମୋଦ ସାହୁ*

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା କ୍ରେଡିଟ କୋପରେଟିଭ ସୋସାଇଟ୍‌ର ସଭାପତି ଭାବେ ୫ମ ଥର ପାଇଁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ବିଶିଷ୍ଟ ସମବାୟବୀତ ତଥା ପ୍ରତିଷ୍ଠାତା ସଭାପତି ପ୍ରମୋଦ ସାହୁ। ଶ୍ରୀ ସାହୁ ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ୧୫ଟି ଜୋନରେ ଗଠିତ ଏହି ସମିତିର ନିର୍ବାଚନର ୨ଟି ଜୋନରେ ମହିଳା, ୨ଟି ଅସଂରକ୍ଷିତ ଓ ଗୋଟିଏ ଅନୁସୂଚିତ ଜାତି ବର୍ଗ ଏବଂ ଅବଶିଷ୍ଟ ୧୦ଟି ଜୋନରେ ପଛୁଆବର୍ଗର ନିର୍ଦ୍ଦେଶକମାନେ ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରୁଛନ୍ତି। ଏହି ନିର୍ବାଚନରେ ୧ ଲକ୍ଷ ୩୩ ହଜାର ୬୧୧ ସଦସ୍ୟ/ ସଦସ୍ୟାମାନେ ମତଦାନ କରିଥିଲେ। ଏହି ସମିତିର କାର୍ଯ୍ୟ ପରିସୀମା କେନ୍ଦ୍ରାପଡା ଜିଲ୍ଲା ସମେତ ପଡୋଶୀ କଟକ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ସୀମିତ ଥିବା ବେଳେ ସେହି ଜିଲ୍ଲା ଗୁଡିକର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କ ଅର୍ଥନୈତିକ ମାନଦଣ୍ଡରେ ବିକାଶ ଆଣିଥିବାରୁ ଶ୍ରୀ ସାହୁ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟିର ସଭାପତି ଭାବେ ପଞ୍ଚମ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ସମୟରେ ସମିତିର ସମସ୍ତ ନିର୍ଦ୍ଦେଶକ ଅକ୍ଷୟ ଦାଶ, ଦିଲ୍ଲୀପ ପାତ୍ର, ସୁଶାନ୍ତ ମହାରଣା ଦିଲ୍ଲୀପ ରାଉତ, ପ୍ରଫୁଲ୍ଲ ମିସ୍ତ୍ରୀ, କୈଳାଶ ବେହେରା, ବହ୍ଲଭ ନନ୍ଦୀ, ଅମିତାଭ ସାହୁ, ଅନୁସୟା ସାମଲ, ପ୍ରଭାତୀ ଲେଙ୍କା, ସେକ ରିଆଜତ, ଗୀତାଞ୍ଜଳି ସାହୁ, ସାବନା ପରୱିନ ଓ ଜିତେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସାହୁ ନିର୍ବାଚିତ ହେବା ପରେ ବିଭିନ୍ନ ମହଲରେ ଖୁସୀର ଲହରୀ ଖେଳି ଯାଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି। ସମିତିର ସମସ୍ତ କର୍ମଚାରୀ ଓ ଏଜେଣ୍ଟମାନେ ସଭାପତି ଓ ନିର୍ଦ୍ଦେଶକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ସମିତିର ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ସାଧାରଣ ପରିଚାଳକ ମନୋଜ ସାହୁ, ମୁଖ୍ୟ ଶାଖାର ବରିଷ୍ଠ ପରିଚାଳକ ରମେଶ ସେଠୀଙ୍କ ସମେତ ବିଭିନ୍ନ ଶାଖାର ପରିଚାଳକ, କର୍ମଚାରୀ ଓ ଏଜେଣ୍ଟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନିର୍ଦ୍ଦେଶକ ଆଡଭୋକେଟ ସୂର୍ଯ୍ୟ ରଞ୍ଜନ ରାଉଳ, କୃଷକ ବିକାଶ ସମବାୟ ସମିତିର ନିର୍ଦ୍ଦେଶକ ଅଭୟ ସାମଲ, ପାର୍ବତୀ ନାୟକ, ଧର୍ମପଦ ମହାରଣା, ମହେଶ୍ୱର ଜେନା ଓ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରାପଡା ପୌରସଂସ୍ଥାର କାଉନସିଲର ଅସୀମା ନାୟକ, ସମାଜସେବୀ ଦିଲ୍ଲୀପ ଦାଶ ଓ ଅବଦୁଲ ସତ୍ତାର ପ୍ରମୁଖ ଉପସ୍ଥିତ ଥିଲେ।

# ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା, ୨୨/୧୦: ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ। ବିଦ୍ୟାର୍ଥିମାନଙ୍କ ଜ୍ଞାନକୌଷଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି। ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି। ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଶଂଗ୍ରହଣ କରିଥିଲେ। ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍। ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ। ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇ□ଲିଜେନ୍ସ, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି।"

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଟସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଚାଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହାରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# ପୁରାଣ ଆବୃତ୍ତି ଓ ଶଙ୍ଖଫୁଙ୍କା ମଧ୍ୟରେ ଆରମ୍ଭ ହେଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର (ପିଏନ୍)-ପ୍ରଥା, ପରମ୍ପରା ଓ ପରିପାଟୀ ମଧ୍ୟରେ ବଞ୍ଚି ରହିଥିବା ଓଡ଼ିଆଙ୍କର ପରିଚୟ ସହ ଭାଷା,ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସପ୍ତଦଶ ବର୍ଷରେ ପହଞ୍ଚିଥିବା ଅଭିଯାନ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉତ୍କଳ ଦିବସର ସ୍ମରଣୀୟ ସଂଧ୍ୟାରୁ ଓଡ଼ିଆଣୀମାନଙ୍କ ଦ୍ୱାରା ପୁରାଣ ପାଠ ଓ ଶଙ୍ଖଫୁଙ୍କାରୁ ଆରମ୍ଭ ହୋଇଛି। ଏହି ଅନନ୍ୟ କାର୍ଯ୍ୟକ୍ରମ ସହ ହସ୍ତାକ୍ଷର,ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର ମଧ ଶୁଭାରମ୍ଭ ହୋଇଛି। ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଓଡ଼ିଆଣୀମାନଙ୍କ ଦ୍ୱାରା ଶାରଳା ଦାସଙ୍କ ମହାଭାରତ,ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଆଦି ବିଭିନ୍ନ ଓଡ଼ିଆ ପୁରାଣ ପାଠ ସହ ସହ ଶଙ୍ଖନାଦରେ ନିନାଦିତ ହୋଇଥିଲା ସମଗ୍ର ଏକାମ୍ର ହାଟର ମନୋରମ ପରିବେଶ। ପ୍ରମୁଖ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ସଂଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଓଡ଼ିଆ ମହୋତ୍ସବର ଅଧ୍ୟକ୍ଷ ତଥା ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ,ସଂଭାବନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ ଉପସ୍ଥିତି ସହ ସମ୍ମାନିତ ଅତିଥି ଭାବେ ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ରଶ୍ମି ସାହୁ ମଧ ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ସମ୍ବୋଧିତ କରି ଉତ୍କଳ ଦିବସ ଭଳି ଓଡ଼ିଆଙ୍କର ସ୍ମରଣୀୟ ଦିବସରୁ ଓଡ଼ିଆତ୍ୱର ସୁରକ୍ଷା ପାଇଁ ଏହିଭଳି ଅଭିନବ ଉଦ୍ୟମ ଧାରାବାହିକତା ରକ୍ଷା କରି ବର୍ଷ ପରେ ବର୍ଷ ଚାଲିଥିବା ଆନନ୍ଦର ବିଷୟ ବୋଲି କହିଥିଲେ। ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା।

ସଂଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ସହ ଓଡ଼ିଆ ଜାତୀୟତାବାଦୀ ସଂଗୀତରୁ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ସଂଧ୍ୟା। ଜଣାଶୁଣା ଗାୟକ ଅର୍ଣ୍ଣବ ପଣ୍ଡା,ବିପୁଲ ଓ ଛନ୍ଦା ମିଶ୍ର ଆଦିଙ୍କ ସ୍ୱରରେ ଓଡ଼ିଆତ୍ୱର ମୂର୍ଚ୍ଛନା ସହ ହସ୍ତାକ୍ଷର,ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଶୁ-କିଶୋରମାନେ ପରିବେଶକୁ ବେଶ୍ ମହକାଇଥିଲେ।

ସେହିଭଳି ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ପୁରାଣ ଆବୃତ୍ତି ପ୍ରତିଯୋଗିତାର ବିଚାରକ ଭାବେ ଉପସ୍ଥିତ ଥିଲେ, ଲଡୁ କିଶୋର ପଡିହାରୀ ଓ ମନୋଜ କୁମାର ଶତପଥି ।ଏହି ଅବସରରେ ଓଡିଶୀ ନୃତ୍ୟ ମଧ ପରିବେଷିତ ହୋଇଥିଲା। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ମୁଖ୍ୟ ପରିଚାଳନା ଏବଂ ପ୍ରଫୁଲ୍ଲ ଦେଙ୍କର ସଂଚାଳନରେ ଅନୁଷ୍ଠିତ ହୋଇଥିଲା ଏହି ଉଦ୍‌ଘାଟନୀ ଉତ୍ସବ। ଏପ୍ରିଲ ୨ ତାରିଖରେ ଓଡିଆଣୀଙ୍କ ମଧ୍ୟରେ ମୁରୁଜ ଓ ଭାଷାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ, ଗୁଟ୍‌ଖା, ଖଇନିର ପ୍ରବେଶକୁ ବିରୋଧ



ଭୁବନେଶ୍ୱର (ପିଏନ୍): ସ୍ୱଚ୍ଛତା ହିଁ ପବିତ୍ରତା। କଥାରେ ଅଛି ଯେଉଁଠି ସ୍ୱଚ୍ଛତା ନାହିଁ ସେଠି ପବିତ୍ରତା ନାହିଁ। ସ୍ୱଚ୍ଛତାକୁ ନେଇ ସାରା ଦେଶରେ ଚାଲିଛି ସ୍ୱଚ୍ଛ ଭାରତ ଅଭିଯାନ। ହେଲେ ଏକାମ୍ରକ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସ୍ୱଚ୍ଛତାରେ ଦେଖାଦେଇଛି ବ୍ୟତିକ୍ରମ। ଯାହାର ଚିତ୍ର ସାମ୍ନାକୁ ଆସିଛି। ମନ୍ଦିର ଭିତରୁ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସଫା କରାଯାଇଛି ପୁଳା ପୁଳା ପାନ, ଗୁଟ୍‌ଖାର ପିକ। ଏଥିପାଇଁ ଦାୟୀ କିଏ ? ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଭିତରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳୁଥିଲେ ହେଁ ଏଥିପ୍ରତି କାହାରି ଟିକେ ନିଘା ନଥିବା ପରି ମନେହୁଏ। ଏ ନେଇ ଭକ୍ତ, ଶ୍ରଦ୍ଧାଳୁ, ସାମାଜିକ କର୍ମୀମାନେ ଚିନ୍ତାପ୍ରକଟ କରିଛନ୍ତି। ଏ ନେଇ ମନ୍ଦିର ପ୍ରଶାସନ, ସେବାୟତମାନେ ଆଲୋଚନା କରନ୍ତୁ। ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ସହ କଟକଣା ଜାରି କରନ୍ତୁ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ, ଗୋପୀମୋହନ ପଟ୍ଟନାୟକ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ଦାବି କରିଛନ୍ତି।

# କୋଣାର୍କର ବିଭିନ୍ନ ଅନୁଷ୍ଠାନମାନଙ୍କ ପକ୍ଷରୁ ଉତ୍କଳ ଦିବସ ପାଳିତ



କୋଣାର୍କ (ପିଏନ୍)- ଉତ୍କଳ ଦିବସ ଅବସରରେ କୋଣାର୍କର ବିଭିନ୍ନ ଅନୁଷ୍ଠାନମାନଙ୍କ ପକ୍ଷରୁ ୮୬ତମ ପବିତ୍ର ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ପକ୍ଷରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିଳ୍ପୀ ବାଟିକା ପରିସରରେ ଆୟୋଜିତ ହୋଇଥିଲା ସଂକିର୍ତ୍ତନ, ଝୋଟି ଚିତା, ଭଜନ,



କବିତାପାଠ ଓ ସଭାକାର୍ଯ୍ୟ । ଏହି ଉତ୍ସବରେ ସ୍ୱଭାବକବି ଗଙ୍ଗାଧର ମେହେର ଓ ଉତ୍କଳଗୌରବ ମଧୁସୁଦନ ଦାସଙ୍କ ତୈଳଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଅର୍କଶ୍ରୀର ସଂପାଦକ ଉମେଶ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥିମାନେ ଯୋଗଦେଇ ଉତ୍କଳ ସଂଗୀତ (ବନ୍ଦେ ଉତ୍କଳ ଜନନୀ...) ଗାନ କରିବାପରେ ଉତ୍କଳ ଦିବସ ପାଳନ କରିବା ସହ ଓଡ଼ିଆଙ୍କ ସମ୍ମାନ, ସ୍ୱାଭିମାନ, ଭାଷା ଓ ସଂସ୍କୃତିର ସମୃଦ୍ଧି ସଂପର୍କରେ ଆଲୋଚନା କରି ସୁଚିନ୍ତିତ ମତାମତ ଦେଇଥିଲେ। ଅର୍କଶ୍ରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଉତ୍କଳ ଦିବସ ଅର୍ଥାତ ୧ତାରିଖରୁ ଆରମ୍ଭ ହୋଇ ୮ତାରିଖରେ ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମକୁ ଅର୍କଶ୍ରୀର ସଂଯୋଜକ ସୁରେଶ ସ୍ୱାଇଁ, ନିରଞ୍ଜନ ପ୍ରଧାନ, ପ୍ରତାପ ରାଉତ, ପଞ୍ଚାନନ ବରାଳ ପ୍ରମୁଖ ପରିଚାଳନା କରିଥିଲେ।



ସେହିପରି କୋଣାର୍କ ନାଟ୍ୟମଣ୍ଡପର ଅନ୍ତେବାସୀ ଛାତ୍ରମାନଙ୍କ ଦ୍ୱାରା ଉତ୍କଳ ଦିବସ ପାଳନ କରାଯାଇଥିବା ବେଳେ ପ୍ରତ୍ୟୁଷରେ କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହ ଚରଣ କରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ପରିସରରେ ଉତ୍କଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ ନବୋଦୟ ବିଦ୍ୟାଳୟ ପରିସରରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଛାତ୍ରଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ବିଦୁଲତା ଶତପଥୀଙ୍କ ଅଧ୍ୟକ୍ଷତାରେ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ମହାସମାରୋହରେ ଉତ୍କଳ ଦିବସକୁ ପାଳନ କରିଥିଲେ। ଏହି ଅବସରରେ ଶିକ୍ଷାଶ୍ରମ ପରିସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏତଦ୍‌ବ୍ୟତିତ ବିଭିନ୍ନ ଅନୁଷ୍ଠାନମାନଙ୍କ ପକ୍ଷରୁ ପବିତ୍ର ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।

# ହତ୍ୟା ଅଭିଯୁକ୍ତଙ୍କୁ ଜିଲ୍ଲାଜଜଙ୍କ ଆଜୀବନ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଏକ ହତ୍ୟା ମାମଲାର ବିଚାର କରି ଦୋଷୀକୁ ଆଜୀବନ କରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜୋରିମାନାରେ ମଧ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ନିକିରାଇ ଥାନା ଅନ୍ତର୍ଗତ ପଳସିଂହା ପଞ୍ଚାୟତର ମିର୍ଜାପୁର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କ ପତ୍ନୀ ମୀତା ସ୍ୱାଇଁ ଗତ ୨୦୧୪ ମସିହା ଫେବୃୟାରୀ ମାସ ୨୮ ତାରିଖ ବିଳମ୍ବିତ ରାତିରେ ଉଠି ପରିସ୍ରା କରିବାକୁ ଘର ବାହାରକୁ ଯାଇଥିଲେ। ସେ ପରିସ୍ରା କରୁଥିବା ବେଳେ ସେହି ଗ୍ରାମର ରଙ୍ଗାଧର ବିଶ୍ୱାଳ ତାଙ୍କୁ ମାଡିବସି ଅସଦାଚରଣ କରିବାରେ ମୀତା ପାଟି କରିଥିଲେ। ଫଳରେ ମୀତାଙ୍କ ସ୍ୱାମୀ ଶ୍ରୀକାନ୍ତ ଉଠିପଡି ସେଠାକୁ ଆସି ଘଟଣାର ପ୍ରତିବାଦ କରିଥିଲେ। ଶ୍ରୀକାନ୍ତ ଏଥିରେ ଉତକ୍ଷିପ୍ତ ହୋଇ ଏକ ଭୂଜାଲିରେ ଶ୍ରୀକାନ୍ତଙ୍କୁ ଗୋଟିଏ ପରେ ଗୋଟିଏ ଚୋଟ ମାରିଥିଲେ। ଶ୍ରୀକାନ୍ତଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ନିକିରାଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଙ୍ଗାଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଅଭିଯୋଗଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ଏସ.ଟି. କେଶ ନମ୍ବର -୧୮୬/୨୦୧୪ରେ ଏହି ମାମଲାର ବିଚାର କରି କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଭାରତୀୟ ଦଣ୍ଡବିଧି ଆଇନର ୩୨୪, ୩୫୪, ୫୦୬ ଓ ୩୦୨ ଦଫାରେ ଅଭିଯୁକ୍ତ ରଙ୍ଗାଧର ବିଶ୍ୱାଳଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୧୦ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମାନସରଞ୍ଜନ ବେହେରା କୋର୍ଟରେ ଏହି ମାମଲାର ପରିଚାଳନା କରୁଥିଲେ।

# ବାଇକ ଚୋରୀ ଅଭିଯୋଗରେ ଦୁଇ ଗିରଫ

ଖୋର୍ଦ୍ଧା (ପିଏନ)-ଗତ ମାସ ୧୫ ତାରିଖ ଦିନ ୧୦ ଘଟିକା ସମୟରେ ଖୋର୍ଦ୍ଧା ସଦର ମହକୁମାର ଶକୁନ୍ତଳା ମାର୍କେଟ କଂପ୍ଲେକ୍ସର କାନାରା ବ୍ୟାଙ୍କ ନିକଟରେ ଭିଭୋ କମ୍ପାନୀର କର୍ମଚାରୀ ଦେବବ୍ରତ ଖୁଂଟିଆ ଓଡି ୩୩କେ୨୧୧୫ ନମ୍ବର ବିଶିଷ୍ଟ ବାଇକ ରଖି କାର୍ଯ୍ୟ କରୁଥିଲେ । କିଛି ସମୟ ପରେ କୌଣସି ଜରୁରୀ କାର୍ଯ୍ୟ ପାଇଁ ନିଜର ବାଇକଟିକୁ ନ ପାଇବାରୁ ବହୁ ଖୋଜାଖୋଜି କରିଥିଲେ । ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କାର୍ଯ୍ୟ ଆରମ୍ଭ କରିଦେଇଥିଲା । ଆଦର୍ଶ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ମୁସଲିମ ସାହିର ମହମ୍ମଦ ଖାନ(୨୯) ଓ ଅନ୍ୟ ଜଣକ ହେଉଛି ବାଲୁଗାଁ ଥାନା ଅନ୍ତର୍ଗତ ଜାଗୁଳେଇପାଟଣା ଗ୍ରାମର ରାଜା ବେହେରା (୨୬)। ସେମାନଙ୍କଠାରୁ ବାଇକ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗତ ୧୧ ତାରିଖ ଦିନ ବାଲୁଗାଁର ପାତ୍ର କଲୋନୀର ଦୁଇଟି ଓ ପୁରୀରୁ ମଧ୍ୟ ବାଇକ ଚୋରୀ କରିଥିବାର ତଦନ୍ତ ବେଳେ ଜଣାପଡିଥିବା ବେଳେ ଏମପି ୦୯ଏନଜି୫୫୮୩ ନମ୍ବର ବିଶିଷ୍ଟ ସ୍ୱେଣ୍ଡର କମ୍ପାନୀର ବାଇକଟି ଅଭିଯୁକ୍ତ ନିକଟ ସମ୍ପର୍କୀୟ ମୁକୁନ୍ଦପ୍ରସାଦସ୍ଥିତ ରୀତା ବେହେରା ଘରେ ଥିବାର ଜାଣି ପୋଲିସ ନିଜ ହେପାଜତରେ ଆଣି ରଖିଛି।

# ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ସମାଜସେବୀ କାହ୍ନୁଚରଣ ଦାଶ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରାଚୀନ କବି ଓ ସାହିତ୍ୟିକମାନେ ରଚନା କରିଥିବା ଓଡ଼ିଆ ଭାଷା ସାହିତ୍ୟ କାଳଜୟୀ । ଅଧିକରୁ ଅଧିକ ଓଡ଼ିଆ ପୁସ୍ତକ ଇଂରାଜୀରେ ଓ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ହେବା ଦ୍ୱାରା ଓଡ଼ିଆ ଭାଷା ସମୃଦ୍ଧି ହେବା ସହିତ ପାଠକ ଗୋଷ୍ଠୀ ନିକଟରେ ପହଞ୍ଚି ପାରିବାର ସାମର୍ଥ୍ୟ ହାସଲ କରୁଛି । ଏଭଳି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଜାତିର ଇତିହାସ ସର୍ବଭାରତୀୟ ସ୍ତରରେ ସୀକୃତ ଓ ସମ୍ମାନିତ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୋକର୍ଣ୍ଣିକା ସମ୍ପାଦକ ରମାକା' ଜେନା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ସମାଜସେବୀ ଦୁର୍ଗାପ୍ରସନ୍ନ ଦାଶ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ଅଧ୍ୟାପକ ପ୍ରଶା' କୁମାର ସାହୁ, ଶିଶୁ ସାହିତ୍ୟିକ ଅକ୍ଷୟ କୁମାର ଦାଶ, କୃଷକନେତା ବସ' କୁମାର ପରିଡ଼ା, ଅଧ୍ୟାପକ ଗୋକର୍ଣ୍ଣେଶ୍ୱର ଦାଶ, କବି ସଂଗ୍ରାମ କେଶରୀ ଜେନା, ଅଧ୍ୟାପକ ପ୍ରଭାଷ ଚନ୍ଦ୍ର ଚୋଲ୍, କବି ସବିତା ମିଶ୍ର, ସସ୍ମିତା ଦାଶ, ସୁବାସ ଚନ୍ଦ୍ର ସାହୁ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁବନେତା ଉଗ୍ରସେନ ମହାଁ, ସ୍ୱେଚ୍ଛାସେବୀ ଦେବବ୍ରତ ରାଉତ ଓ ଅଧ୍ୟାପକ ବିଜୟ କୁମାର ନାୟକ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସଂପର୍କରେ ଆଲୋଚନା କରିଥିଲେ । ସାମ୍ବାଦିକ ସୀତାକାନ୍ତ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

# ବେଆଇନ ପଥର ଖଣି ଉପରେ ଚଢାଉ, ମୁଖ୍ୟ ଆସାମୀ ଗିରଫ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ସଦର ମହକୁମା ଅନ୍ତର୍ଗତ କୁମାରବସ୍ତରେ ଚାଲୁଥିବା ବେଆଇନ ପଥର ଖଣି ଉପରେ ଗତ ମାସ ୧୮ ତାରିଖ ଦିନ ଶିଳ୍ପାଂଚଳ ଫାଣ୍ଡି ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ । ଏହି ଚଢାଉ ବେଳେ ୧ ଗୋଟି ଓଆର ୦୯ ଇ ୯୫୩୩ ନମ୍ବର ବିଶିଷ୍ଟ ପଥର ବୋଝେଇ ଟ୍ରକ,ଦୁଇଟି ପାୱାର ଟିଲର ଏବଂ ପଥର କାଟିବା ପାଇଁ ଯନ୍ତ୍ରାଂଶ ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତ ଗଙ୍ଗପଡାର ଶ୍ରୀକାନ୍ତ ଯାଦବଙ୍କୁ ଗିରଫ କରିଛି। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ୧୩/୨୨ରେ ଦଫା ୩୭୯/୩୪ ଆଇପିସି ସେକ୍ସନ ୫୧ ଓଏମଏମ ଆକ୍ଟରେ କେସ ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ପୋଲିସ୍ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ଭୋଗଡାରେ ୧୯ତମ ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ

ଖୋର୍ଦ୍ଧା (ପିଏନ) -ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ପଂଚାୟତର ଭୋଗଡା ଗ୍ରାମ ତଳସାହିରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ୧୯ତମ ରାଜ୍ୟସ୍ତରୀୟ ଓଡିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଆରାଧ୍ୟ ଦେବତା ରାଧାକାନ୍ତ ଦେବ, ଭଗବତ ଦେବ, ବାଲୁଙ୍କେଶ୍ୱର ଦେବ ଓ ମା ଡାହାଳିଆଣୀ ଦେବୀଙ୍କୁ ବିମାନରେ ସୁସଜ୍ଜିତ ସହ ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁମାନେ ଗ୍ରାମ୍ୟ ପରିକ୍ରମା କରି ସଂକୀର୍ତ୍ତନ ମହୋତ୍ସବ ପୀଠରେ ବୈଦିକ ରୀତିନିତି ଅନୁଯାଇ ପୀଠରେ ଅବସ୍ଥାପିତ କରିଥାନ୍ତି। ଏହି ମହୋତ୍ସବରେ ଗାୟକ ଚକ୍ରଧର ପଣ୍ଡା,ନିତ୍ୟାନନ୍ଦ ସ୍ୱାଇଁ,ନାରାୟଣ ବାରିକ, ଦୁର୍ଗା ଚରଣ ମାର୍ଥା, ସୁବାସ ମହାତ୍ର ଓ ରାମାୟଣୀ ପ୍ରବଚକ ବୈଦ୍ୟନାଥ ମିଶ୍ର ପ୍ରମୁଖ ସଂକୀର୍ତ୍ତନ ପରିବେଷଣ କରିଥିଲେ ବୋଲି ଆୟୋଜକମାନଙ୍କ ଠାରୁ ପ୍ରକାଶ।

# ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଶିକ୍ଷାଭ୍ରମଣ



ଧର୍ମଶାଳା (ପିଏନ୍): ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଦିନିକିଆ ଶିକ୍ଷାଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ରମାକା' ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିକ୍ଷାଭ୍ରମଣ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ । ଚଳିତ ବର୍ଷ କେଉଁଝର ଜିଲ୍ଲା ଘଟଗାଁସ୍ଥିତ ମାତାରିଣୀ ପୀଠ,ବଡଘାଗରା, ସାନଘାଗରା ଓ ବଳଦେବଜିୟୁ ମନ୍ଦିର ଦର୍ଶନ କରି ତାର ଇତିହାସ ସମ୍ପର୍କରେ ଅବଗତ ହୋଇଥିଲେ । ରବିବାର ସକାଳ ୬ଟାରୁ ଜାରକାସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟରୁ ଏକ ବସ ଯୋଗେ କେଉଁଝର ଯାଇ ପ୍ରଥମେ ଘଟଗାଁସ୍ଥିତ ଅଧିଷ୍ଠାତ୍ରି ଦେବୀ ମା ତାରିଣୀଙ୍କ ଦର୍ଶନ କରି କୃପାଲାଭ କରିବା ପରେ ବଡଘାଗରାରେ ପହଂଚି ଏକ ବଣଭୋଜିର ଆୟୋଜନ କରିଥିଲେ । ପରେ ସାନଘାଗରା ଓ ପ୍ରସିଦ୍ଧ ବଳଦେବଜୀୟୁ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ କରି ଫେରିଆସିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ଉପସଭାପତି ଗୁଲାମ ଗସ, ସୀତାକା' ସାମଲ, ସହ ସମ୍ପାଦକ ମାନସ ରନ ଜେନା, ସଙ୍ଗଠନ ସମ୍ପାଦକ ପ୍ରଶା' କୁମାର ଗ'ାୟତ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସଦସ୍ୟ ସବ୍ୟସାଚୀ ବେହେରା, ରଶ୍ମୀରଂଜନ ରାୟ, ବିବେକାନନ୍ଦ ରାୟ, ବିକ୍ରମ କେଶରୀ ମହାଁ, ସୁବ୍ରତ ଜେନା, ଗିରିଧାରୀ ବେହେରା,କିଶୋର ରାଉତ,ବିନୋଦ ବିହାରୀ ସାହୁ, ରାମଚନ୍ଦ୍ର ମହାଁ ପ୍ରମୁଖ ଏହି ଭ୍ରମଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ନବନିର୍ବାଚିତ ଜିଲ୍ଲା ପରିଷଦ ସଭାପତିଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ନବ ନିର୍ବାଚିତ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀଙ୍କୁ ବିଜେଡି ଜିଲ୍ଲା ସଭାପତି ଉତ୍କଳକେଶରୀ ପରିଡା ଓ ଯୁବନେତା ରାଜେଶ ପଣ୍ଡା ପ୍ରମୁଖ ସ୍ୱାଗତ କରିଛନ୍ତି। ଶ୍ରୀ ପରିଡା ଓ ଶ୍ରୀ ପଣ୍ଡା ସଭାପତି ଶ୍ରୀମତୀ ସେଠୀଙ୍କ ଡେରାବିଶ ବ୍ଲକ ଅନ୍ତର୍ଗତ ଛାଞ୍ଚୁଣିଆସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏଥିସହିତ ସଭାପତି ଶ୍ରୀମତୀ ସେଠୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ସାହୁ, ଦୁଷ୍ମନ୍ତ ମଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ସେଠୀଙ୍କୁ ସ୍ୱାଗତ କରିଥିଲେ।

# ଦି'ବ୍ରେନରେ ହୋଲି ମହୋତ୍ସବ ଓ ସେବାକାର୍ଯ୍ୟ

କଟକ (ପିଏନ୍): ସ୍ୱାସ୍ଥ୍ୟଭିତ୍ତିକ ସମାଜ ସେବା ସଙ୍ଗଠନ 'ଦି ବ୍ରେନ୍' ପକ୍ଷରୁ ହୋଲି ମହୋତ୍ସବ ଓ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ମାନସିକ ଅଗ୍ରସର ଓ ଅସହାୟ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ବିଶିଷ୍ଟ ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ସମାଜ ସେବିକା ଆଇନଜୀବୀ ଡକ୍ଟର ଗାୟତ୍ରୀ ଦେବୀ, ଖ୍ୟାତନାମା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ମାର୍ଗଦର୍ଶନରେ ଅନ୍ୟତମ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଡ଼ଭୋକେଟ ସମ୍ବିତ କର, ରଶ୍ମିରଞ୍ଜନ ମହାପାତ୍ର, ବାସୁଦେବ ସାହୁ, ବ୍ରଜ କିଶୋର ବେହେରା, ବିକ୍ରମ ମଲ୍ଲିକ, ଭିକାରୀ ରାଉତ, ବେଣୁଧର ବେହେରା, ସତ୍ୟବ୍ରତ କର, ବଳରାମ ପ୍ରଧାନ, ଅତିସ ସିଲ, ମିହିର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। କେବଳ ଦି'ବ୍ରେନର ମାନସିକ ଚିକିତ୍ସାଧୀନ ରୋଗୀମାନଙ୍କ ସହ କଟକ ସହରର ବିଭିନ୍ନ ଅଞ୍ଚଳରେ ଅସହାୟ ଓ ସରକାରଙ୍କ ସହାୟତା ବିନା ଜୀବନ ବଞ୍ଚୁଥିବା ଅସହାୟ ମାନସିକ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ଅଞ୍ଚଳରେ ୨୭୦ଜଣ ଅସହାୟ ମାନସିକ ରୋଗୀମାନଙ୍କ ପାଇଁ ଦି'ବ୍ରେନରେ ସ୍ୱତନ୍ତ୍ର ସେବାକାର୍ଯ୍ୟ ସହ ସେମାନଙ୍କ ପାଇଁ ଖାଦ୍ୟ, ଔଷଧ ଓ ଆନୁସଙ୍ଗିକ ସହାୟତା ପ୍ରଦାନ କରାଯାଇଥିଲା।




# ଶ୍ରୀଜଗନ୍ନାଥ ସମବାୟ ସମିତି ନିର୍ବାଚନ ପ୍ରଚାର ସରଗରମ

ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ ତିନୋଟି କୃଷକ ସେବା ସମବାୟ ସମିତି ପରିଚାଳନା ପରିଷଦ ଗଠନ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ପାଇଁ ହେଉଥିବା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ହୋଇଛି । ଏହି ସମିତିରେ ମୋଟ ୧୫ଟି ଜୋନ ଥିଲାବେଳେ ସେଥିରୁ ମାତ୍ର ଗୋଟିଏ ଜୋନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲାବେଳେ ଅବଶିଷ୍ଟ ୧୪ଟି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ବର୍ତ୍ତମାନ ପ୍ରତ୍ୟେକ ଜୋନରେ ଏକାଧିକ ପ୍ରାର୍ଥୀ ଥିବାରୁ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଅପେକ୍ଷା କୃତ କମ ସଂଖ୍ୟକ ଭୋଟର ଥିବା ଜୋନରେ ଘୋଡ଼ା ବେପାର ବଢ଼ିଯାଇଛି । ଆଶାୟୀ ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ମୋଟା ଅଙ୍କର ଅର୍ଥ କାରବାର କରୁଥିବା ଜଣାଯାଇଛି । ଯାହାକି ଏ ଧରଣର ଦୃଶ୍ୟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା । ଏଠାରେ ଆସନ୍ତା ୨୬ତାରିଖରେ ଭୋଟ ଗ୍ରହଣ ହେବ । ଅନ୍ୟପକ୍ଷରେ ହରିଅନ୍ତା ସେବା ସମବାୟ ସମିତିର ଦୁଇଟି ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେଠାରେ ଥିବା ମୋଟ ୧୫ଟି ଜୋନ ମଧ୍ୟରୁ ୧୩ଟି ଆସନର ପ୍ରାର୍ଥୀମାନେ ମେ ୨୮ତାରିଖରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲାବେଳେ ୧୩ ଓ ୧୪ନମ୍ବର ଜୋନରେ ଏକାଧିକ ପ୍ରାର୍ଥୀ ଥିବାରୁ ନିର୍ବାଚନ ହୋଇଥିଲା । ସେହିପରି ଖଲର୍ଦ୍ଦା ସମିତି ପାଇଁ ମୋଟ ୧୫ଟି ଜୋନ ମଧ୍ୟରୁ ୧୨ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲାବେଳେ ୧୨, ୧୩ ଓ ୧୪ ନମ୍ବର ଜୋନରେ ଭୋଟର ନଥିବାରୁ ସେଠାରେ ନିର୍ବାଚନ ସ୍ଥଗିତ ।

## ପ୍ରଧାନଶିକ୍ଷକଙ୍କୁ ୟୁଡାଇସ୍ ପ୍ଲସ ତାଲିମ୍ ପ୍ରଦାନ

ଢେଙ୍କିକୋଟ,(ପି.ଏନ):ଘଟଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତାରିଣୀ ବିଦ୍ୟାପୀଠ ପରିସରରେ ୟୁଡାଇସ୍ ପ୍ଲସର ବିଭିନ୍ନ ଉପସ୍ଥାପନ ସହ ଅଭିମଖିକରଣ କରିବା ପାଇଁ ଦୁଇଟି ପର୍ଯ୍ୟାୟରେ ବ୍ଲକର କାର୍ଯ୍ୟରତ ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ବିଇଓ ଅଭୟ କୁମାର ବେହେରା, ଏବିଇଓ ସୟ କୁମାର ପଲେଇ ଓ ଅମ୍ବିକା ପ୍ରସାଦ ପତି ୟୁଡାଇସ୍ ତଥ୍ୟ ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟତମ ଏବିଇଓ ପୁରଷୋତ୍ତମ ଧଳ ଉପସ୍ଥିତ ରହି ଏ ସମ୍ପର୍କିତ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଏଥିରେ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।

## ଝିଅକୁ ଉଦ୍ଧାର ପାଇଁ ଶିଶୁ ସୁରକ୍ଷା ଆୟୋଗଙ୍କୁ ଭେଟିଲେ ବାପା ମାଆ

ଢେଙ୍କିକୋଟ,(ପି.ଏନ):ପଣ୍ଡାପଡା ଥାନା ଅଂଚଳ ଅଧିନସ୍ଥ ଓସ୍ତପଙ୍ଗା ଗ୍ରାମର ଜଣେ ୧୭ ବର୍ଷର ନାବାଳିକା ଅପହରଣ ହେବାର ୨ ସପ୍ତାହ ବିତି ଯାଇଥିଲେ ମଧ ପୋଲିସ୍‌ର ଅନୁସନ୍ଧାନ ଠପ୍ ହୋଇରହିଛି । ନାବାଳିକାର ଉଦ୍ଧାର ପାଇଁ ପୋଲିସ୍ ପ୍ରଶାସନ ସଠିକ୍ ପଦକ୍ଷେପ ନେଉନଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ନେଇ ନାବାଳିକାର ମା' ଗୌରୀ ମହାନ୍ତ ଓ ବାପା ନରୋତ୍ତମ ମହାନ୍ତ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ ଚଳିତ ଜୁନ୍ ମାସ ୫ ତାରିଖରେ ଘରେ ବାପା ମାଆ ନଥିବା ବେଳେ ଝିଅକୁ ଉଠାଇ ନିଆଯାଇଥିଲା । ଯେଉଁ ଯୁବକ ଏ ଘଟଣାରେ ସମ୍ପୃକ୍ତ ଅଛନ୍ତି ତାଙ୍କ ଘର ଓ ଠିକଣା, ମୋବାଇଲ ନମ୍ବର ସ୍ଥାନୀୟ ଥାନାଧିକାରୀଙ୍କୁ ମଧ ଅବଗତ କରାଯାଇଛି । ଏପରିକି ପରିବାର ଲୋକେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ ଦେବାକୁ ଆସିଥିଲେ ହେଁ ଭେଟିବାକୁ ସୁଯୋଗ ଦିଆଯାଇନଥିବା ପ୍ରକାଶ । ଏପରିକି ପୂର୍ବରୁ ଗତ ଅପ୍ରେଲ ୨୭ ତାରିଖରେ ତୁରୁମୁଙ୍ଗା ଥାନା ଅଧିନସ୍ଥ ପୁରୁଣିଆ ଗ୍ରାମର ନେତ୍ରା ମହାନ୍ତଙ୍କ ପୁତ୍ର ଗୌରା ମହାନ୍ତ ଉକ୍ତ ନାବାଳିକାକୁ ନେଇ ପିପିଳିଆ ନିକଟ ନୁଟାପଶି ଗ୍ରାମରେ ଲୁଚାଇ ରଖିଥିଲେ । ସେ ସମୟରେ ଯୁବକ ଜଣକ ବିବାହ କରିଥିବା ଏକ ଫଟୋ ଝିଅର ବାପାଙ୍କ ମୋବାଇଲକୁ ପଠାଯାଇଥିଲା । ପୋଲିସ୍‌କୁ ଏହି ଫଟୋ ମଧ ଦେଖାଯାଇଥିଲା । ସେତେବେଳେ ଅଭିଯୋଗକାରୀଙ୍କୁ ଏକ ଗାଡି ଭଡା ଆଣିବାକୁ କୁହାଯାଇଥିଲା । ନାବାଳିକାଙ୍କ ବାପା ଗାଡି ବ୍ୟବସ୍ଥା କରି ନାବାଳିକାକୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରିବା ପରେ ଯୁବକକୁ ଥାନାରୁ ଛାଡି ଦିଆଯାଇଥିଲା । ପୋଲିସ୍ ସେତେବେଳେ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏଭଳି ପୁନରାବୃତ୍ତି ଘଟିନଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏ ସମସ୍ତ ଦିଗକୁ ନେଇ ନାବାଳିକାର ପରିବାର ଲୋକେ ଶିଶୁ ସୁରକ୍ଷା ଆୟୋଗଙ୍କୁ ଭେଟିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ୫-ଟି ସଚିବ ତଥା ମାନବାଧିକାର କମିଶନରଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଥିବା ଜଣାପଡିଛି ।

## ଢେଙ୍କିକୋଟରେ ନୂତନ ଫାଣ୍ଡି ଅଧିକାରୀଙ୍କ ଯୋଗଦାନ

ଗୋଳାବନ୍ଧ,(ପି.ଏନ):ସମ୍ବେଦନଶୀଳ ଓ ସମସ୍ୟା ବହୁଳ ଢେଙ୍କିକୋଟ ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ସବ୍ ଇନ୍ସପେକ୍ଟର ତରଣୀସେନ୍ ବାଗ ଯୋଗଦାନ କରିଛନ୍ତି । ସେ ଏହା ପୂର୍ବରୁ କେନ୍ଦୁଝର ଟାଉନ୍ ଥାନାରେ କାର୍ଯ୍ୟରତ ଥିଲେ । ଢେଙ୍କିକୋଟ ଫାଣ୍ଡିରେ ଥିବା ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କ ଅବସର ପରେ ଶ୍ରୀ ବାଗ୍ ନୂତନ ଫାଣ୍ଡି ଅଧିକାରୀ ଭାବେ ଯୋଗ ଦେଇଛନ୍ତି ।

## ଆନନ୍ଦପୁର ବାଲିଘାଟ ପାଇଁ ଜନଶୁଣାଣୀ ଶେଷ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ତହସିଲ ଅନ୍ତର୍ଗତ ୩ନଂ ୱାର୍ଡର ନୂତନ ବାଲିଘାଟର ପରିବେଶ ମୁରୀ ପାଇଁ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନୁଷ୍ଠିତ ଏହି ଜନଶୁଣାଣୀରେ କେନ୍ଦୁଝର ପିଏଆଇଟିଡିଏ ବିଜୟ କୁମାର ଅମ୍ବା ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ପ୍ରଶାନ୍ତ କୁମାର କର ଜଣଶୁଣାଣୀ କରିଥିଲେ । ଶ୍ରୀ ମାନସ କୁମାର ବାରିକଙ୍କ ନାମରେ ବାଲିଘାଟ ନିଲାମ ନେଇଥିବା ବେଳେ ପ୍ରଦୂଷ ନିୟନ୍ତ୍ରଣ ଅନୁସାରେ ବାଲିଘାଟରେ ବାଲି ଉଠାଇବା ପାଇଁ ଜନଶୁଣାଣୀରେ ଆନନ୍ଦପୁରର ବହୁ ଶିକ୍ଷାବିତ ଓ ମହିଳା ଯୋଗ ଦେଇ ଜନଶୁଣାଣୀରେ ନିଜ ନିଜ ମତ ରଖିଥିଲେ । ବାଲିଘାଟର ନିଲାମଧାରୀ ପ୍ରଦୂଷଣ ବିଭାଗ ଦ୍ୱାରା ବାଲି ଉଠାଇବା ସହିତ ସାଧାରଣ ଲୋକଙ୍କର ଯେଉଁଳି କୌଣସି ଅସୁବିଧା ନହୁଏ ସେଥିପ୍ରତି ଧ୍ୟାନ ଦେବା ସହ ଆନନ୍ଦପୁରରେ ବାଲି ଉଠାଉଥିବା ସ୍ଥଳରେ ସାବଧାନତା ବୋର୍ଡ ଲଗାଇବା ସହିତ ସାଧାରଣ ଜନତା କୌଣସି ଅସୁବିଧାନ ସମ୍ମୁଖୀନ ନହୁଅନ୍ତୁ ସେଥିପାଇଁ ଆନନ୍ଦପୁରର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ନିରାକାର ଦଳେଇ, ୭ନଂ କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ବିଜେଡି ଯୁବନେତା ସତ୍ୟବ୍ରତ ରାମ ପ୍ରମୁଖ ନିଜ ନିଜ ବିବୃତ୍ତି ରଖିଥିଲେ । ଆନନ୍ଦପୁର ପୋଲିସ ପ୍ରଶାସନ ପକ୍ଷରୁ ଏହା ଜନଶୁଣାଣୀକୁ ସହଯୋଗ କରାଯାଇଥିଲା ।

# ମଧ୍ୟାହ୍ନ ଭୋଜନ ଅର୍ଥ ପ୍ରଦାନରେ ଅନିୟମିତତା

ଢେଙ୍କିକୋଟ,(ପି.ଏନ):ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ଫବୃଆରୀ ୨୨ତାରିଖ ଠାରୁ ବିଦ୍ୟାଳୟ ଖୋଲିବା ପରେ ଖାଦ୍ୟ ସୁରକ୍ଷା ନିୟମ ଓ ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟରେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ ଓ କେତେକ ବିଦ୍ୟାଳୟରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ବ୍ୟବସ୍ଥା ଅଦ୍ୟାବଧି ଚାଲି ଆସୁଛି । କିନ୍ତୁ ପରିତାପର ବିଷୟ ଏହି ଯେ ଫେବୃଆରୀ ଠାରୁ ଅଦ୍ୟାବଧି ୪ ମାସ ହେବ କେନ୍ଦୁଝର ଜିଲ୍ଲାରେ ମଧ୍ୟାହ୍ନ ଭୋଜର ଚାଲୁ ରଖିଥିଲେ ହେଁ ଶିକ୍ଷା ବିଭାଗ ବା ଜିଲ୍ଲା ପ୍ରସାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ପ୍ରକାଶଯୋଗ୍ୟ ଗତ ୪ ମାସ ହେବ ମଧ୍ୟାହ୍ନ ଭୋଜନ ଅର୍ଥ ବିଦ୍ୟାଳୟସ୍ତରକୁ ଯୋଗାଇ ଦିଆଯାଇ ନାହିଁ ବା ବ୍ୟାଙ୍କିଙ୍ଗ୍ ଅପରେସନ ମଧ ସଠିକ୍ ହୋଇପାରି ନାହିଁ । କୁହାଯାଇପାରେ କି ବିଓଆଇରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଆକାଉଣ୍ଟ ଥିବା ବେଳେ ଏହି ବ୍ୟବସ୍ଥା ନିୟମିତ ଚାଲିବା ଠିକ୍ ଥିବା ବେଳେ ଏହାକୁ ଜିରୋ ଆକାଉଣ୍ଟ କରାଯାଇ ପିଏନ୍‌ବିରେ ଖୋଲା ଯିବାପରେ ବ୍ୟବସ୍ଥା ସବୁ ଠପ୍ ହୋଇଥିବା କୁହାଯାଉଛି । ଏହି ନୂତନ ପିଏନବି ବ୍ୟାଙ୍କ୍‌ରେ ଆକାଉଣ୍ଟ ନ ଆସିବା ବିଭାଗର ବା ଜିଲ୍ଲା ପ୍ରଶାସନର କେଉଁ ସ୍ୱାର୍ଥ ରହିଛି ତାହା ଜଣାପଡୁ ନାହିଁ ବୋଲି ରାଜ୍ୟ ତଥା କେନ୍ଦୁଝର ଜିଲ୍ଲାର ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘର ସମ୍ପାଦକ ତାଙ୍କ ପ୍ରତିକ୍ରିୟାରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅନେକ ବିଦ୍ୟାଳୟରେ ଏହି ବ୍ୟବସ୍ଥାକୁ ପ୍ରଧାନଶିକ୍ଷକ ଓ ଏସ୍‌ଏଚ୍‌ଜି ସଭ୍ୟାମାନେ ନିଜ ହାତରୁ ଲକ୍ଷାଧିକ ଟଙ୍କାରେ ଏହା ସମ୍ଭାଳିବା କଷ୍ଟକର ହୋଇ ପଡିଛି । ଏହା ସାଙ୍ଗକୁ ପ୍ରତ୍ୟେକ ଦ୍ରବ୍ୟର ଦିନକୁ ଦିନ ଯେଉଁ ଅହେତୁକ ମୂଲ୍ୟ ବୃଦ୍ଧି ଘଟୁଛି ତାହା ବର୍ତ୍ତମାନ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଏମ୍‌ଡିଏମ୍ ଚଳାଇବା ଅତ୍ୟନ୍ତ କଷ୍ଟସାଧ ହୋଇଛି । ସରକାରଙ୍କ ଟାରୁ ଅଣ୍ଡା ପ୍ରତି ୫ଟାଙ୍କା ମିଳୁଥିବା ବେଳେ ବଜାର ଦର ୬ଟଙ୍କା, ଡାଲି ୭୦ଟଙ୍କା ଧାର୍ଯ୍ୟ ଥିବାବେଳେ ବଜାର ଦର ୧୨୦ ଟଙ୍କା, ଏପରିକି ସୋୟାବଡି ଓ ଇନ୍ଧନ କାଠ ବା ଗ୍ୟାସ୍ ଦର ଆକାଶଛୁଆଁ ହୋଇଛି । ବର୍ତ୍ତମାନରେ ଅର୍ଥର ଅଭାବ ସାଙ୍ଗକୁ ଜିନିଷର ଦରବୃଦ୍ଧି ଓ ମହଙ୍ଗାମାଡ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିପକାଉଛି । ଏ ନେଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଯଦି ଜିଲ୍ଲା ପ୍ରଶାସନ ଆସନ୍ତା ୭ଦିନ ମଧରେ ମଧ୍ୟାହ୍ନ ଭୋଜନ ଅର୍ଥ ଟଙ୍କା ବିଦ୍ୟାଳୟ ସ୍ତରକୁ ପୈଠ ନକରନ୍ତି ତେବେ ସବୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରୁ ଶିକ୍ଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ବିରତ ରହିବେ ବୋଲି ଗଣମାଧମରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏକ ଲିଖିତ ପତ୍ର ମାଧମରେ ନିବେଦନ କରାଯାଇଛି ।

# ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମାଟ୍ରିକ ପାସ ପରେ ଛାତ୍ରଛାତ୍ରୀଙ୍କ ତଥ୍ୟ ରଖାଯିବ

କେନ୍ଦୁଝର,(ପି.ଏନ): ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଚଳିତ ବର୍ଷ ଠାରୁ ଦଶମ ଶ୍ରେଣୀ ବୋର୍ଡ ଏବଂ ଯୁକ୍ତ ଦୁଇ ପରେ ପାସ କରୁଥିବା ଛାତ୍ରଛାତ୍ରୀଙ୍କ ଟ୍ରାକିଂ କରାଯିବ । ଦଶମ ଶ୍ରେଣୀ ବୋର୍ଡ ଏବଂ ଯୁକ୍ତ ଦୁଇ ପରୀକ୍ଷା ପରେ ପାସ କରୁଥିବା ଛାତ୍ରଛାତ୍ରୀଙ୍କ ଏହି ବିଭାଗ ଅଧିନରେ ପାସ କରୁଥିବା ଛାତ୍ରଛାତ୍ରୀ ଙ୍କ ସୂଚନା ବିଭାଗ ନିକଟରେ ରହୁନଥିଲା । ଏହି କାରଣରୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଚଳିତ ଶିକ୍ଷା ବର୍ଷ ଠାରୁ ୫ ଟି ଜିଲ୍ଲାରେ ଦଶମ ଶ୍ରେଣୀ ବୋର୍ଡ ରେ ପାସ କରୁଥିବା ଛାତ୍ରଛାତ୍ରୀଙ୍କ ଟ୍ରାକିଂ ରିପୋର୍ଟ ରଖାଯିବ । କେନ୍ଦୁଝର, କନ୍ଧମାଳ, ସୁନ୍ଦରଗଡ, କୋରାପୁଟ, ରାୟଗଡା ଜିଲ୍ଲାକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଛି । ଏହି ଜିଲ୍ଲାରେ ପାସ କରୁଥିବା ଛାତ୍ରଛାତ୍ରୀଙ୍କ ୫ ବର୍ଷ ପର୍ଯ୍ୟନ୍ତ ସୂଚନା ରଖାଯାଇ ନିୟମିତ ଭାବେ ସରକାରଙ୍କ ନିକଟକୁ ରିପୋର୍ଟ ପ୍ରଦାନ କରାଯିବ । ଦଶମବୋର୍ଡ ପରେ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ତଥ୍ୟ ଆଧାରରେ ସେମାନଙ୍କୁ ପୁନଶ୍ଚ ପାଠ ପଢା ପାଇଁ ପ୍ରୋତ୍ସାହିତ କରାଯିବ ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ



ଅଣାଯିବ । ପୂର୍ବରୁ ଏହି ସୂଚନା ସରକାରଙ୍କ ପାଖରେ ରହୁନଥିବାରୁ ବହୁ ଛାତ୍ରଛାତ୍ରୀ ଦଶମ ପରେ ପାଠ ପଢା ଛାଡୁଥିଲେ ମଧ ସେମାନଙ୍କ ପାଇଁ ସରକାର କୌଣସି ପଦକ୍ଷେପ ନେଉନଥିଲେ । ଆଜି ଏହି ଉପଲକ୍ଷେ ନରଣପୁର ହାଇସ୍କୁଲରେ ପରିସରରେ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ନୋଡାଲ ଶିକ୍ଷକ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ସଂଜୟ କୁମାର ଧଳ,ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଗବେଷଣା ପ୍ରତିଷ୍ଠାନର ସଂଯୋଜକ ଡକ୍ଟର ଚୟନିକା ମିଶ୍ର,ନମିତା ଦାସ,ଦିପାଳି ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଜୀବନ କୌଶଳ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କେନ୍ଦୁଝର ଜିଲ୍ଲାରେ ୩୦ ଟି ହାଇସ୍କୁଲ ଥଲେ ମଧ ଦଶମ ବୋର୍ଡ ପରୀକ୍ଷା ପାସ ପରେ ଉଚ୍ଚ ଶିକ୍ଷା ପାଇଁ ବିଭାଗ ଅଧିନରେ ମାତ୍ର ଦୁଇଟି ଉଚ୍ଚ ମାଧମିକ ବିଦ୍ୟାଳୟ ରହିଛି । ଫଳରେ ବହୁ ଛାତ୍ରଛାତ୍ରୀ ଦଶମ ପରେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ବିଭିନ୍ନ ବ୍ଲକରେ ଉଚ୍ଚ ମାଧମିକ ବିଦ୍ୟାଳୟ ଥିଲେ ମଧ ସେଠାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ର ଛାତ୍ରାବାସ ଥାଇ ଉଚ୍ଚ ମାଧମିକ ବିଦ୍ୟାଳୟ ନାହିଁ । ଫଳରେ ବହୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ରୁ ବଂଚିତ ହେଉଛନ୍ତି ।

# ଆମ୍ବୁଆପୋଶି ଠାରେ ଭାଗବତ ପାରାୟଣ ଉଦ୍‌ଯାପିତ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆମ୍ବୁଆପୋଶି ଗ୍ରାମସ୍ଥ ଆମ୍ବୁଆପୋଶି ସାହିରେ ଦୀର୍ଘ ମାସାଧିକ କାଳ ଭାଗବତ ପଠନ ପରେ ଭାବଗତପାରାୟଣ ତା- ୨୧.୦୬.୨୨ରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନ ଉତ୍ସବରେ ପୁରୋହିତ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଭାଗବତ ପଠନ ଓ ପୂଜା କାର୍ଯ୍ୟ ଯଥାବିଧି ସମାପନ ହୋଇଥିଲା । ସନ୍ଧ୍ୟା ୬ ଘଟିକା ସମୟରେ ଭାଗବତ ପଠନର ଉପକାରିତା ସମ୍ବନ୍ଧୀୟ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଉପ-ନିର୍ଦ୍ଦେଶକ ସୁଚନା ଓ ଲୋକ ସମ୍ପର୍କ କେନ୍ଦୁଝର ସଂଜୀର କୁମାର ବାରିକ୍ ମୁଖ୍ୟଅତିଥି, ଭାଗବତ ଗବେଷକ ଡଃ ପ୍ରଫୁଲ ମିଶ୍ର ମୁଖ୍ୟ ବକ୍ତା, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଓ ସମାଜସେବୀ ଚତୁର୍ଭୁଜ ହୋତା, ଜିଲ୍ଲା ତଥା ରାଜ୍ୟର ସୁପ୍ରତିଷ୍ଠ ବରିଷ୍ଠ ପାରାକାର ନାରାୟଣ ଚନ୍ଦ୍ର ଦାଶ, ସନ୍ତୋଷୀ ମା' ଆଂଚଳିକ ଉଚ୍ଚ ମାଧମକି ବିଦ୍ୟାଳୟର ଅଧ୍ୟାପକ ଅମୀୟ ସାମନ୍ତରାୟ, ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ଅଧକ୍ଷା ଆଚାର୍ଯ୍ୟ ଦାଶରଥି ପ୍ରଧାନ, ଉପଦେଷ୍ଟା ଭଜମନ ବେହେରା ଓ ବ୍ଲକ ସଭାପତି ପ୍ରସନ୍ନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାଗବତ ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ପ୍ରମୁଖ ଦୈନିକ ଭାଗବତ ପଠନ କରାଗଲେ ବର୍ତ୍ତମାନର ଅବକ୍ଷୟମୁଖୀ ସମାଜର କଲ୍ୟାଣ ସାଧିତ ହୋଇପାରିବ ବୋଲି କହିଥିଲେ । ଆଲୋଚନାରେ ଭାଗ ନେଇ ନେଲୁଙ୍ଗ ଗ୍ରାମ ପଂଚାୟତର ସରପଂଚ ଚନ୍ଦ୍ରମଣୀ ସିଂହ ନାରୀ ଜାତିଙ୍କ ମଧ୍ୟରେ ଭାଗବତର ପ୍ରାସର ହେଲେ ଏକ ସୁସ୍ଥ ପରିବାର ସହ ସୁସ୍ଥ ସମାଜ ଗଠନର ସହାୟକ ହେବ ବୋଲି କହିଥିଲେ ।

## ଶାଳଦେଇ ନଦୀ ବାଲିଘାଟରେ ବୁଡିଯାଇ ନିଖୋଜ ଥିବା ବାଳକର ସନ୍ଧାନ ଏଯାଏଁ ମିଳିନାହିଁ

ଆନନ୍ଦପୁର,(ପି.ଏନ):ଘଷିପୁରା ବ୍ଲକ ଘାଳଦେଇ ନଦୀରେ ଦୁଇଜଣ ବାଳକ ନଦୀକୁ ଯାଇଥିବା ବେଳେ ଜଣେ ବାଳକ ଦନୀରେ ବାଲି ଉଠାଯାଇଥିବା ଗଭୀର ଜଳରେ ଫସି ଯାଇଥିବା ବେଳେ ଆଉ ଜଣେ ବାଳକ ପହଁରି ପହଁରି ନଦୀ କୂଳରେ ପହଂଚି ଥିଲା । ଗ୍ରାମବାସୀମାନେ ବହୁ ଖୋଜାଖୋଜି କରିଥିବା ବେଳେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଂଚି ବହୁ ଖୋଜା ଖୋଜି କରିଥିଲେ ମଧ ବାଳକର ପତ୍ତା ମିଳିନାହିଁ । ଘଟଣାରୁ ଜଣାଯାଏ ଯେ ଶାଳଦେଇ ନଦୀରୁ ବେଆଇନ୍ ଭାବେ ବାଲି ଉଠାଯାଉଥିବା ବେଳେ ପ୍ରସାସନ ପକ୍ଷରୁ ବାଲି ଚୋରା ଚାଲାଣ କରୁଥିବା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବଂ ନଦୀ କୂଳରେ ୨୦ରୁ ୩୦ଫୁଟ ବାଲି ଉଠାଇବା ଦ୍ୱାରା ଏଭଳି ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହି ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥନକ କାନ୍ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍କ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ରୃତି ଦେଇଛନ୍ତିମ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ମଧୁସୂଦନପାଲ୍ଲୀର ବିଭିନ୍ନ ସମସ୍ୟା ନେଇ ପୌରନିଗମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା



ରାଉରକେଲା,(ପି.ଏନ): ମଧୁସୂଦନପାଲ୍ଲୀର ବିଭିନ୍ନ ସମସ୍ୟା ନେଇ ବସ୍ତିବାସୀଙ୍କ ଏକ ପ୍ରତିନିଧି ଦଳ ଆଜି ତା-୨୨.୬.୨୨ରିଖରେ ମହାନଗର ନିଗମ ଉପାୟୁକ୍ତ ସୁଧାଂଶୁ ଭୋଇଙ୍କୁ ସାକ୍ଷାତ କରି ବିଶଦ୍ ଆଲୋଚନା କରିଥିଲେ। ରାଉରକେଲା କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ସମ୍ପ୍ରତି ବସ୍ତିରେ ନିର୍ମାଣାଧିନ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ଠାରୁ ଉତ୍ତରପାର୍ଶ୍ୱ ପାହାଡ ପର୍ଯ୍ୟନ୍ତ ରାସ୍ତା କାମର ମାନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ରାସ୍ତାର ଉଭୟପାର୍ଶ୍ୱରେ ଥିବା ନାଳି ମଧ୍ୟରୁ ବାମପାର୍ଶ୍ୱସ୍ଥ ନାଳି ନିର୍ମାଣ କରାଯାଉଥିବା ବେଳେ ଦକ୍ଷିଣପାର୍ଶ୍ୱସ୍ଥ ନାଳି ନିର୍ମାଣ କରାଯାଉ ନାହିଁ ବୋଲି ଉପାୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଦୀର୍ଘ ୩୦ ବର୍ଷ ତଳେ ନିର୍ମିତ ଏହି ନାଳି ଭାଙ୍ଗିରୁଜି ଯାଇଥିବାରୁ ପୁନଃ ନିର୍ମାଣ ପାଇଁ ଦାବି କରିଥିଲେ । ଏହି ୱାର୍ଡରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ହେଁ ନିୟମିତ ଠିକ୍ ଭାବେ ଜଳ ଯୋଗାଣ ହେଉନାହିଁ । କେଉଁଦିନ ୧୦/୧୫ ମିନିଟ୍ ପାଣି ଆସୁଛି ତ ଆଉ କେଉଁଦିନ ପାଣିର ଦେଖାମିଳୁ ନାହିଁ । ଅନୁରୂପ ଭାବେ ବସ୍ତିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇଟ୍ କେଉଁଠି ଜଳୁଛି ତ ଆଉ କେଉଁଠି ଜଳୁ ନାହିଁ । ଆଉ କେତେକ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଲଗାଇବାର ଆବଶ୍ୟକତା ରହିଛି । ତେଣୁ ଏହି ସମସ୍ୟାଗୁଡିକ ପ୍ରତି ପୌର ନିଗମ କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରି ଅବିଳମ୍ବେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିନିଧି ଦଳ ଦାବି କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ତଥା କମିଶନଙ୍କ ଉଦ୍ଦେଶ୍ୟରେ ବସ୍ତିବାସୀଙ୍କ ତରଫରୁ ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର ଉପାୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା । ତେବେ ଉପାୟୁକ୍ତ ଶ୍ରୀ ଭୋଇ ଉପରୋକ୍ତ ସମସ୍ୟା ଗୁଡିକ ବାବଦରେ ଅବଗତ ହୋଇ ଏହାର ସମାଧାନ କରିବାକୁ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ବରିଷ୍ଠ ନାଗରିକ କଳ୍ପତରୁ ପଣ୍ଡା, ମନୋଜ ପ୍ରସାଦ ବର୍ମା, କେ.ଏସ୍.ଏନ୍. ମୂର୍ତ୍ତି, ଅନୀଲ ଦାସ ପ୍ରମୁଖଙ୍କ ସମେତ ଇମତିଆଜ ଖାନ, ପ୍ରଭାତ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ ଓ ସେବାଦଳର ବୁଲୁ ଦାସ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ଯୋଗ ପ୍ରଶିକ୍ଷଣ ଶିବିର ଉଦଯାପିତ

କେନ୍ଦ୍ରାପଡ଼ା,(ପି,ଏନ) : ଜିଲ୍ଲା ସ୍ତରୀୟ ତ୍ରିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ୮ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଯୋଗଗୁରୁ କୈଳାସ ରାଉତ, ସଞ୍ଜୟ କୁମାର ମଥାନ, ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ. ପଦ୍ମଜା କବି ଶତପଥୀ ଓ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଯୋଗର ଉପାଦେୟତା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ।

# ନବ ନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା, (ପିଏନ):ଆସନ୍ତା ଅକ୍ଟୋବର ମାସ ୧୪ ତାରିଖରେ ଭୁବନେଶ୍ୱରକୁ ପାଂଚ ଲକ୍ଷ ଚାଷୀ ସମାବେଶରେ ଯୋଗ ଦେବା ପାଇଁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲା ସଂଯୋଜକ ସୁରେଶ କୁମାର ମାନସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗୀତା ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ଏ ନେଇ ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରିୟ ସଂଯୋଜକ ଅକ୍ଷୟ କୁମାର ମୁଖ୍ୟ ଅତିଥି,ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟବକ୍ତା,ଡଃ ମନୋହର ଅଲ୍ଲୀ ଓ କୁଳମଣି ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାଷୀଙ୍କ ପାଇଁ ଭତାର ସୁବିଧା ସୁଯୋଗ ପ୍ରଦାନ କରିବାକୁ ମତ ପ୍ରକାଶ କରିଥିଲେ ।ବାହାର ରାଜ୍ୟରେ ବାର୍ଦ୍ଧକ୍ୟ ଭତା ୧୫ ଶହ ଟଙ୍କା ରହିଥିବା ସମୟରେ କେବଳ ଓଡିଶାରେ ୫ ଶହରୁ /୭ଶହ ମଧ୍ୟରେ ରହିଛି ,ଯାହାକି ଏହି ଭତାର ପରିମାଣ ୨ ହଜାର ଟଙ୍କା ଦିଆଯିବାର ବ୍ୟବସ୍ଥା କରାଯାଉ । ଚାଷୀର ଉତ୍ପାଦିତ ଦ୍ରବ୍ୟର ଏମଏସପି କ୍ୟୁ ମାନର ନିର୍ଦ୍ଧାରଣ କରାଯାଇ ୨୯୫୦ ଟଙ୍କା ବୃଦ୍ଧି କରାଗଲେ ଲାଭବାନ ହୋଇ ପାରିବା ସହ ଅର୍ଥନୈତିକ କ୍ଷେତ୍ରରେ ବୃଦ୍ଧି ପାଇବ । ଏଥିରେ ଟାଙ୍ଗୀ ବ୍ଲକ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ,ବୋଲଗଡ ବ୍ଲକ ସଂଯୋଜକ ଜୟନ୍ତ କୁମାର ତ୍ରିପାଠୀ,ବେଗୁନିଆ ବ୍ଲକ ସଂଯୋଜକ ମଦନ ମୋହନ ସାହୁ ଓ ଖୋର୍ଦ୍ଧା ଜିଲ୍ଲା ସହ ସଂଯୋଜକ ପ୍ରସନ୍ନ କୁମାର ଭଞ୍ଜଙ୍କୁ ଆଗାମୀ ଦିନରେ ଚାଷୀଙ୍କୁ ଏକତ୍ର କରିବାକୁ ଦାୟିତ୍ୱ ଦିଆଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ କାର୍ତିକେଶ୍ୱର ସ୍ୱାଇଁ,ସୁଶାନ୍ତ ବେହେରା,କାହ୍ନୁ ଚରଣ ବେହେରା,ପୂର୍ଣ୍ଣ ଚନ୍ଦ୍ର ସାହୁ,ଅନ୍ତର୍ଯ୍ୟାମୀ ବେହେରା, ଓ ପ୍ରଦୀପ ପାଇକରାୟ ପ୍ରମୁଖ ଯୋଗ ଦେଇ ନିଜସ୍ୱ ମତ ରଖିଥିଲେ ।ଶେଷରେ ସୋମନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବାର୍ଦ୍ଧକ୍ୟ ଭତାରୁ ବଂଚିତ ,ଆତ୍ମାହୁତି ପାଇଁ ଚେତାବନୀ



ଖୋର୍ଦ୍ଧା,(ପିଏନ): ରାଜ୍ୟ ସରକାର ୫ ଟି ଯୋଜନା ଦେଇ ଗରିବ ଜନସାଧାରଣ ଉପକୃତ ହେବା ପାଇଁ ମାଳ ମାଳ ଯୋଜନା ମାନ ପ୍ରଣୟନ କରୁଥିଲେ ମଧ୍ୟ ତାହା କେତେକାଂଶରେ କାର୍ଯ୍ୟ କରୁଥିବା ବେଳେ ତାହାର ବ୍ୟତିକ୍ରମ ଘଟିଛି ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର କୁଳମଣି ଦାଶଙ୍କ କ୍ଷେତ୍ରରେ । ସୂଚନା ମୁତାବକ ବାଘମାରୀ ଗ୍ରାମର କୁଳମଣି ଦାଶ(୬୨)ଭୂମିହୀନ ଗରିବ ବ୍ରାହ୍ମଣ ମନ୍ଦିରରେ ପୂଜା କରି ନିଜର ଗୁଜୁରାଣ ମେଂଟାଇଥାନ୍ତି । ତେବେ ଶ୍ରୀ ଦାସ ବହୁ ଥର ବାର୍ଦ୍ଧକ୍ୟ ଭତା ପାଇଁ ଆବେଦନ କରିବା ପାଇଁ ପଂଚାୟତ ଅଫିସ ଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଧାଇଁ ଧାଇଁ ଶେଷରେ ନିରାଶ ହୋଇ ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଆତ୍ମହୁତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଯାହା କି ଗରିବ ଲୋକଟିଏ ଭତା ପାଇବା ପାଇଁ ଅଧିକାରୀ ମାନଙ୍କର ବେପରୁଆ ମନୋଭାବ ଓ ଦୁଇ ହଜାର ଟଙ୍କା ଲାଂଚ ମାଗିବା କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ମାନେ ନାପସନ୍ଦ କରିଛନ୍ତି ।ଏଠାରେ ପ୍ରଶ୍ନ ଉଠୁଛି ପ୍ରଶାସନ କେବେ ଭତା ଦେଇ କୁଣମଣିଙ୍କ ମୁହଁରେ ହସ ଫୁଟାଇ ପାରିବ ସ୍ଥାନୀୟ ଲୋକମାନେ ଦେଖିବାକୁ ଚାହିଁ ବସିଛନ୍ତି ।

# ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ବଡଚଣା ଭା.ଜ.ପା ପକ୍ଷରୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ,(ପି.ଏନ୍): ଭାରତ ବର୍ଷର ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ବଡଚଣା ଭା.ଜ.ପା ପକ୍ଷରୁ ଚଣ୍ଡିଖୋଲ ଛକ ଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ସେ ଜଣେ ଆଦିବାସୀ ମହିଳା ଭାବେ ଓଡିଶାର ମନ୍ତ୍ରୀ ପଦ ଗ୍ରହଣ କରିଥିଲେ ଏବଂ ଝାଡଖଣ୍ଡ ରାଜ୍ୟର ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇ ସୁନାମ ଅର୍ଜନ କରିଥିଲେ । ତାଙ୍କୁ ଏନ.ଡି.ଏ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥିନୀ ଭାବେ ଘୋଷଣା କରାଯାଇଛି । ସମ୍ବର୍ଦ୍ଧନାରେ ବଡଚଣାର ବିଜେପି ନେତା ଅମର ନାୟକ, ନେତ୍ରୀ ଦେବଯାନୀ ପ୍ରଧାନ, ପ୍ରିତମ କୁମାର ନାୟକ, ନାରାୟଣ ସାମଲ, ରବିନ୍ଦ୍ର ରାଉତ, ଛବିଳେନ୍ଦ୍ର ବାରିକ, ତରୁଣ ସାମଲ, ଅଶୋକ ନାୟକ ଏବଂ ବିଜେପିର ଶତାଧିକ କର୍ମୀ ରାଷ୍ଟ୍ରପତି ପ୍ରାର୍ଥିନୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପ୍ରାଥିନୀଙ୍କୁ ଜେଡ ସୁରକ୍ଷା ଦିଆଯାଇଥିଲା । ବଡଚଣା ପୋଲିସ ଆରକ୍ଷୀ ନିରୀକ୍ଷକ ସୁଶୀଲ ନାୟକ ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତରଂଜନ ଜେନା ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ସାମାଜିକ ସମ୍ପର୍କ ସୁଦୃଢ଼ କରିବାକୁ ପଡିବ : ଆକାଶ ଦାସନାୟକ



କଟକ/ଭୁବନେଶ୍ୱର, (ପି.ଏନ): ରାଜ୍ୟ ସରକାରଙ୍କ 'ମୋ କଲେଜ' ଅଭିଯାନ ଅଧୀନରେ କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ 'ମାନସିକ ସ୍ୱାସ୍ଥ୍ୟ' ଶୀର୍ଷକ ଉପରେ ଏକ ଆଲୋଚ୍ନାଚ୍କ୍ର ଅନୁଷ୍ଠିତ ହୋଇଯାଇଛି । ବୁଧବାର ଦିନ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଏବଂ ବିଶ୍ୱବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ଓ ଏହାର ଯତ୍ନ ସମ୍ପର୍କରେ ଶିକ୍ଷା ପ୍ରଦାନ କରିବାର ଗୁରୁତ୍ୱ ଉପରେ ଆଲୋଚ୍ନା କରାଯାଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କ୍ଲିନିକାଲ ସାଇକୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଯଶୋବନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ମୋ କଲେଜ' ଅଭିଯାନ ଅଧକ୍ଷ ଆକାଶ ଦାସନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।ପ୍ରଫେସର ଯଶୋବନ୍ତ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ, "ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ ସୃଷ୍ଟି କରିଛି। ଯୁବପିଢ଼ି ଚ୍ାପଗ୍ରସ୍ତ ହୋଇ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ନେଉଛନ୍ତି। ତେଣୁ ଏ ସମ୍ପର୍କରେ ଅଧିକରୁ ଅଧିକତର ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ସଚେତନତା, ସଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଏବଂ ପରିବାର ସଦସ୍ୟମାନଙ୍କ ସହଯୋଗ ଫଳରେ ଏହିଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ।'' 'ମୋ କଲେଜ' ଅଭିଯାନ ଅଧକ୍ଷ ଆକାଶ ଦାସନାୟକ କହିଲେ, ''ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବାକୁ ପଡିବ। ଏହାସହ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଉପଯୁକ୍ତ ଶିକ୍ଷାର ମଧ ଆବଶ୍ୟକତା ରହିଛି। ତେଣୁ ବର୍ତ୍ତମାନ ସମୟରେ ଏ ବିଷୟରେ ସମସ୍ତେ ଧ୍ୟାନ ଦେବା ଜରୁରୀ।''ଆକାଶ ଦାସନାୟକ ଆହୁରି କହିଥିଲେଯେ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଅନେକ ବାଧାବିଘ୍ନ ଦେଇ ଗତି କରିଥାଏ। ତେଣୁ ସମସ୍ତଙ୍କୁ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚ୍ିତ। ପରିବାରବର୍ଗଙ୍କ ସହ ନିଜ ସମସ୍ୟା ବିଷୟରେ ଆଲୋଚ୍ନା କରିବା, ନିୟମିତ ଧ୍ୟାନ କରିବା, ବିଭିନ୍ନ ପ୍ରକାରର ବହି ପଢ଼ିବା ଏବଂ ବ୍ୟାୟାମ କରିବା ଦ୍ୱାରା ମନରେ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ। ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ କହିଥିଲେ, ''ବିଭିନ୍ନ କାରଣରୁ ଛାତ୍ରଛାତ୍ରୀମାନଙ୍କ ମଧରେ ମାନସିକ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ଏହାକୁ ଦୂର କରିବା ପାଇଁ ସେମାନେ ବିଭିନ୍ନ ଲୋକଙ୍କ ସହ ସାମଜିକ ସଂସ୍ପର୍ଶରେ ଆସିବା ଦରକାର। ପ୍ରାକୃତିକ ପରିବେଶରେ ନିୟମିତ କିଛି ସମୟ କଟାଇବା ମଧ ଆବଶ୍ୟକ। ଏହିସବୁ ପଦକ୍ଷେପ ମନରେ ସକାରାତ୍ମକ ଭାବ ଜାଗ୍ରତ କରିପାରିବ।'' ଏହି ଆଲୋଚ୍ନାଚ୍କ୍ରରେ ମୋ କଲେଜ ଅଭିଯାନ ସଂଯୋଜକ ପ୍ରଫେସର ପ୍ରୀତିରେଖା ଦାସପଟ୍ଟନାୟକଙ୍କ ସହ ବିଭିନ୍ନ ବିଭାଗର ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray